ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି  ଫୋରମ ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

| Month | Date | Volume No | Issue |
|---|---|---|---|
| April, 2014 | 14.04.2014 | VI | 1 |

# ବିଷୟସୂଚୀ


୧.ମହିଳାମାନଙ୍କ ଉପରେ ହିଂସା

- ସ୍ୱାମୀର କାଠ ଫାଳିଆ ମାଡରେ ସ୍ତ୍ରୀ ମୃତ.
- ବିବାହିତା ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ.
- ମହିଳାଙ୍କ ସହ ଅନୈତିକ ସମ୍ପର୍କ , ଜଣେ ଗିରଫ.
- ଚାକିରି ଦେବାକୁ କହି ଦୁଷ୍କର୍ମ.
- ମହିଳାଙ୍କୁ  ଅସଦାଚରଣ ଓ ଆକ୍ରମଣ.
- ସ୍ତ୍ରୀ ଙ୍କୁ ପୋଡି ହତ୍ୟା ଉଦ୍ୟମ, ଶେଷରେ ଆଖି ବୁଜିଲେ ପିଡିତା .
- ଯୁବତୀଙ୍କ  ବେକ କାଟିଲା ଯୁବକ.
- ଦୁଷ୍କର୍ମ କରି ଲଜ୍‌ ମାଲିକ ଗିରଫ.
- ନିଆଁରେ ପୋଡି ହୋଇ ମହିଳା ମୃତ, ହତ୍ୟା ସନ୍ଦେହ.

୨. ଶିଶୁମାନଙ୍କ ଅଧିକାର  ଉପରେ ହିଂସା.

- ମୁଣ୍ଡ ଓ ହାତ କାଟି ଶିଶୁକୁ ହତ୍ୟା.
- ଅପହରଣ ପରେ ଦୁଷ୍କର୍ମ, ଯୁବକ ଗିରଫ .
- ସ୍କୁଲରେ ମାଟି ଖୋଳୁଛନ୍ତି ପିଲା.
- ଗାଁ ଦାଣ୍ଡରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର.
- ଦଳିତ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ.
- ଦୁଇ ସଦ୍ୟ ଜାତ ଶିଶୁଙ୍କ ସବ ଖାଇଗଲେ କାଉ ଓ କୁକୁର.

- ନାବାଳିକା କୁ ଅପହରଣ ଅଭିଯୋଗ, ଜଣେ ଗିରଫ, ମାମଲା ଚପାଇବାକୁ ପୋଲିସର ଉଦ୍ୟମ.
- ଆଦିବାସୀ ଛାତ୍ରକୁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବା ମନା.
- ନାବାଳିକାକୁ ଗଣଦୁଷ୍କର୍ମ

୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- ଝାରପଡା ଜେଲରେ ବିଚାରଧୀନ କଏଦୀର ମୃତ୍ୟୁ.
- ହିରାଖଣ୍ଡ ଏକ୍ସପ୍ରେସରେ ଜବାନଙ୍କ ଉନ୍ମତକାଣ୍ଡ.

୪. ବିକାଶ ପାଇଁ ବିନାଶ

- ପୋସ୍କୋ ପାଇଁ ଆହୁରି ଅପେକ୍ଷା.
- ଚିମିମିରେ ଚାପି ହୋଇ ଶ୍ରମିକ ମୃତ.

୫. ଦଳିତ ଅତ୍ୟାଚାର.

- ଦଳିତ ପରିବାର ଉପରେ ସଙ୍ଘବଦ୍ଧ ଆକ୍ରମଣ

୬. ମାନାବାଧିକାର ଆୟୋଗଙ୍କ ସମ୍ପର୍କିତ ଖବର.

- ନ୍ୟାୟ ପାଇଁ ମହିଳା କମିଶନରେ ପିଡିତା.
- ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ମାମଲା, ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ.
- ବାଲଟିରେ ପଡି ନବଜାତକର ମୃତ୍ୟୁ, ଜାତୀୟ ମାନବାଧିକାର କମିଶନରେ ମାମଲା.

୭. ଛିଣ୍ଡା ବିଦ୍ୟୁତ ତାର ଲାଗି ଯୁବକ ସହ ୨ ବଳଦ ମୃତ.

୮. ଗୁଣିଗାରେଡି ସନ୍ଦେହରେ ହତ୍ୟା.

୯. ଆଇନକୁ ବେଖାତିର, ପ୍ରବଳ ଖରାରେ କାମ କରୁଛନ୍ତି ନିର୍ମାଣ ଶ୍ରମିକ.

୧୦. ଆନ୍ଧ୍ରରେ ବନ୍ଧାପଡିଛନ୍ତି ୨୬ ଦାଦନ ଶ୍ରମିକ.

୧୧. ଚୁଆ ପାଣିକୁ ଭରସା କରିଛନ୍ତି ମେଦିନପୁରର ମୁଣ୍ଡାସହି ବାସିନ୍ଦା.

୧୨.ଏମାନଙ୍କ ପାଇଁ ଭତା ସାତସପନ... ପ୍ରଶାସନର ଅଣଦେଖା.

# ସ୍ୱାମୀର କାଠ ଫାଳିଆ ମାଡରେ ସ୍ତ୍ରୀ ମୃତ

ଫୁଲନଖରା, ୨ ୨।୩(ଇମିସ): ସ୍ୱାମୀର କାଠଫାଳିଆ ମାଡରେ ସ୍ତ୍ରୀର ପ୍ରାଣ ଯାଇଛି। ଘଟଣା ଘଟିଛି ସଦର ଥାନା ଅନ୍ତର୍ଗତ ନଗରୀ ପଞ୍ଚାୟତର କୋକଲ ମୁଣ୍ଡା ସାହିରେ। ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ହେମନ୍ତ ସିଂ (୪୫) ଓ ତାର ପତ୍ନୀ ମାଣିକ ସିଂ (୪୦) ମଧ୍ୟରେ କୌଣସି କାରଣରୁ ଗତକାଲିଠାରୁ ପାଟିତୁଣ୍ଡ ଲାଗି ରହିଥିଲା। ପରେ ହେମନ୍ତ ବାହାରକୁ ଯାଇ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ଥିଲା। ମାଣିକ ସହିତ ପୁଣି ପାଟିତୁଣ୍ଡ ହେବାରୁ ହେମନ୍ତ ଉତ୍ତ୍ୟକ୍ତ ହୋଇ ଗୋଟିଏ କାଠ ଫାଳିଆରେ ମାଣିକ ମୁଣ୍ଡକୁ ପିଟି ଦେଇଥିଲା। ମାଣିକ ତଳେ ପଡି ଛଟପଟ୍ ହେବା ସହିତ କିଛି ସମୟ ଭିତରେ ପ୍ରାଣ ହରାଇଥିଲା। ସଦର ଥାନା ପୁଲିସ୍ ଏ ସଂପର୍କରେ ଖବର ପାଇ ଘଟଣାସ୍ଥଳରେ ଚଢାଉ କରିବା ସହିତ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ୍ ଅଭିଯୁକ୍ତ ହେମନ୍ତକୁ ଗିରଫ କରିବା ସହିତ କାଠଫାଳିଆ ଜବତ କରିଛି। ସେମାନଙ୍କର ୫ଟି ପିଲା ଭିତରୁ ୩ ଝିଅ ବାହା ହୋଇଯାଇଥିବା ବେଳେ ଗୋଟିଏ ପୁଅ ଦୁବାଇରେ କାମ କରୁଛି। ଅନ୍ୟ ଗୋଟିଏ ୪ ବର୍ଷର ପୁଅ ଥିବା ବେଳେ ସେ ଏବେ ପଡୋଶୀ ଲୋକଙ୍କ ଭରସାରେ ଅଛି।

## ବିବାହିତା ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

# ଚାପ ପକାଉଛନ୍ତି ନୟାଗଡ଼ ବ୍ଲକ ଅଧ୍ୟକ୍ଷ!

ନୟାଗଡ଼, ୨୩/୩(ଇମିସ): ନୟାଗଡ଼ ସଦର ଥାନା ଭାଟସାହି ପଞ୍ଚାୟତ ଅନ୍ତର୍ଗତ ବାରପଲ୍ଲୀ ଗ୍ରାମରେ ବିବାହିତା ମହିଳା ବନିତା(ଛଦ୍ମନାମ)ଙ୍କୁ ଗୋଟିଏ ଥର ଗଣଦୁଷ୍କର୍ମ ଏବଂ ପୁଣି ଦୁଷ୍କର୍ମ ଉଦ୍ୟମ ସାଙ୍ଗକୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ ପ୍ରହଲ୍ଲାଦ ବରାଡ଼ଙ୍କ ଇଙ୍ଗିତରେ ଏହା ହୋଇଛି ଏବଂ ଘଟଣା ଚପାଇ ଦେବାକୁ ଶ୍ରୀ ବରାଡ଼ ପୁଲିସ ଉପରେ ଚାପ ପକାଉଥିବା ଅଭିଯୋଗ କରିଛନ୍ତି ବନିତା । ଜିଲ୍ଲା ପୁଲିସ ଓ ପ୍ରଶାସନକୁ ବାରମ୍ବାର ଗୁହାରୀ କରି ନିରାଶ ହେବା ପରେ ଆସନ୍ତାକାଲି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ଡାକିଛନ୍ତି ବନିତା ।

ବନିତାଙ୍କ ଅଭିଯୋଗ ଅନୁସାରେ ପ୍ରଥମ ଘଟଣା ଘଟିଥିଲା ୨୦୧୩ ନଭେମ୍ବର ୨୪ ତାରିଖରେ । ଦିନବେଳେ ଶୌଚ ଲାଗି ଘରୁ ବାହାରକୁ ଯାଇଥିବା ସମୟରେ ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ ପ୍ରହଲ୍ଲାଦ ବରାଡ଼ଙ୍କ ଇଙ୍ଗିତରେ ୫ ଜଣ ବ୍ୟକ୍ତି ତାଙ୍କ ସହ ଦୁଷ୍କର୍ମ କରିବା ସହ ଗହଣା ଛଡ଼ାଇ ନେଇଥିଲେ । ଏ ନେଇ ନଭେମ୍ବର ୨୫ରେ ନୟାଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବନିତାଙ୍କ ପକ୍ଷରୁ ମାମଲା ହୋଇଥିଲା । କୋର୍ଟ ନିର୍ଦ୍ଦେଶରେ ୨୦୧୪ ଫେବୃଆରି ୧୭ରେ କେସ୍ ନମ୍ବର ୨୪/୨୦୧୪ରେ ନୟାଗଡ଼ ସଦର ଥାନା ତଦନ୍ତ ଭାର ଗ୍ରହଣ କରିଥିଲା । ତେବେ ମୁଦାଲାମାନଙ୍କୁ ଧରିବା ପରିବର୍ତ୍ତେ ପୁଲିସ ତାଙ୍କୁ ହଇରାଣ କରୁଛି ବୋଲି ବନିତା ଅଭିଯୋଗ କରିଛନ୍ତି । ଚଳିତ ମାସ ୭ ତାରିଖରେ ପୁନର୍ବାର ବାରପଲ୍ଲୀ ଗ୍ରାମର ୨୦ରୁ ଅଧିକ ବ୍ୟକ୍ତି ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ସହ ଗାଳିଗୁଲଜ କରିଥିଲେ ବୋଲି ବନିତା ଜଣାଇଛନ୍ତି । ଏ ନେଇ ସେ ପୁନର୍ବାର ଥାନାରେ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ପାଇନଥିବା କହିଛନ୍ତି । ବରଂ ତାଙ୍କ ପରିବାରକୁ ଗ୍ରାମରେ ଏକଘରିକିଆ କରିବା ପାଇଁ ଉଦ୍ୟମ ହେଉଛି ବୋଲି ସୂଚନା ଦେଇଛନ୍ତି ବନିତା ।

ଏ ସମ୍ପର୍କରେ ବ୍ଲକ୍ ଅଧ୍ୟକ୍ଷ ପ୍ରହଲ୍ଲାଦ ବରାଡ଼ଙ୍କ ମତାମତ ମିଳିପାରିନାହିଁ । ତେବେ ବନିତାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି କହିଛନ୍ତି ସଦର ଥାନା ଆଇଆଇସି ସରୋଜ କୁମାର ସାହୁ ।

# ମହିଳାଙ୍କ ସହ ଅନୈତିକ ସମ୍ପର୍କ, ଜଣେ ଗିରଫ

ଭୁବନେଶ୍ୱର, ୨୨।୩(ଇମିସ): ଜଣେ ବିବାହିତ ମହିଳାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି ମହିଳା ଥାନା। ତାଙ୍କ ନାଁ ସନ୍ତୋଷ ସୁବୁଦ୍ଧି। ଘର ଏୟାରଫିଲ୍ଡ୍ ଥାନା ଅଧୀନ ଭୀମଟାଙ୍ଗୀ ହାଉସିଂବୋର୍ଡରେ।

ପୁଲିସ କହିବା ଅନୁଯାୟୀ, ସେ ଜଣେ ବିବାହିତ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଏକ ବର୍ଷ ତଳୁ ତାଙ୍କ ସହିତ ସମ୍ପର୍କ ରଖିଥିଲେ। ମହିଳା ଜଣକ ବିବାହ ପାଇଁ କହିବାରୁ ସନ୍ତୋଷ ତାଙ୍କୁ ଛାଡି ଦେଇଥିଲା। ଏ ନେଇ ସଂପୃକ୍ତ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପୁଲିସ ସନ୍ତୋଷକୁ ଗିରଫ କରିଛି।

# ଚାକିରୀ ଦେବାକୁ କହି ଦୁଷ୍କର୍ମ !

ନିମାପଡ଼ା, ୨୩/୩(ଇମିସ): ସ୍ଥାନୀୟ ରଟିଲୋ ଗାଁର ଜଣେ ୨୧ ବର୍ଷିୟା ଯୁବତୀଙ୍କୁ ଚାକିରୀ କରାଇଦେବା କହି ଯାଜପୁରକୁ ନେଇ ସେଠାରେ ବାରମ୍ବାର ଦୁଷ୍କର୍ମ କରାଯାଇ ଥିବା ନେଇ ପୀଡ଼ିତା ଜଣକ ତାଙ୍କ ବାପାମା'ଙ୍କ ସହ ଆସି ଆଜି ରାତି ୯ଟାରେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ ରଟିଲୋ ଗାଁର ୨୧ ବର୍ଷିୟା ଯୁବତୀ ବିନି ପ୍ରଧାନ(ଛଦ୍ମନାମ)ଙ୍କୁ ସେହି ଗାଁର କବିତା ପ୍ରଧାନ (ଯିଏକି ଯାଜପୁର ରେ ବିବାହ କରିଛନ୍ତି) ଚାକିରୀ କରାଇଦେବ ଏବଂ ଭଲ ବରପାତ୍ର ଦେଖି ବିବାହକରାଇ ଦେବେ କହି ରଟିଲୋରୁ ଯାଜପୁରକୁ ନେଇ ଯାଇଥିଲେ। ଗାଁର ଝିଅ ହୋଇଥିବାରୁ ବିନିଙ୍କ ତାଙ୍କ ପ୍ରତି ବିଶ୍ୱାସ ଆସିଥିଲା। କବିତାଙ୍କ ସ୍ୱାମୀ ବିନିଙ୍କୁ ରଟିଲୋରୁ କିଛିମାସ ତଳେ ଯାଜପୁରକୁ ନେଇଯାଇଥିଲେ। ସେଠାରେ କବିତା ପ୍ରଧାନ ନିଜ ଘରେ ରଖିଥିଲେ। ଏହି ସମୟରେ କବିତାଙ୍କ ସ୍ୱାମୀ ବିଜୟ ଦାସ ବିନିଙ୍କ ସହ ଶାରୀରିକ ସଂପର୍କ ରଖିଥିବା ଏତଲାରେ ଦର୍ଶାଇଛନ୍ତି। ସେଠାରୁ ସେ ଖସି ଆସ ଗତକାଲି ରାତିରେ ତାଙ୍କ ଘରେ ପହଞ୍ଚିଥିଲେ। ତାଙ୍କ ଠାରୁ ବିଜୟ ୧୦ହଜାର ଟଙ୍କା ଛଡ଼ାଇରଖିଥିବା ଅଭିଯୋଗ କରିଛନ୍ତି। ଆଜି ସକାଳେ ବିନିଙ୍କ ବାପା, ବୋଉ ଏବଂ ମାଇଁ ଯାଜପୁର ଯାଇ କବିତାଙ୍କୁ ଏନେଇ ପଚାରିବାରୁ ସେମାନେ ବିଭିନ୍ନ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇଥିବା ଏହି ଏତଲା ଦର୍ଶାଯାଇଛି।। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି ।

# ମହିଳାଙ୍କୁ ଅସଦାଚରଣ ଓ ଆକ୍ରମଣ

ଭୁବନେଶ୍ୱର, ୨୩।୩(ଇମିସ): ସହିଦନଗର ଥାନା ତେଲଗୁ ବସ୍ତିରେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କର ଜଣେ ପଡ଼ୋଶୀ ଅସଦାଚରଣ ଓ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ମହିଳା ଜଣକ ଆହତ ହୋଇଛନ୍ତି। ତାଙ୍କ ନାଁ ଉଲ୍ଲାସିନୀ ବେହେରା। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଅଭିଯୁକ୍ତ ସନ୍ତୋଷ ବେହେରାଙ୍କୁ ଗିରଫ କରିବାକୁ ସକ୍ଷମ ହୋଇ ନାହିଁ। ଏହାର ପ୍ରତିବାଦ କରି ଉଲ୍ଲାସିନୀ ଆଜି ରାଜ୍ୟ ମହିଳା କମିସନଙ୍କ ନିକଟରେ ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ଏଠାରେ ପ୍ରକାଶଥାଉକି ଜାଗାବାଡ଼ ବିବାଦକୁ କେନ୍ଦ୍ର ଉଲ୍ଲାସିନୀ ଓ ସନ୍ତୋଷଙ୍କ ମଧ୍ୟରେ ବିବାଦ ଥିଲା। ଏହି କାରଣରୁ ଉଲ୍ଲାସିନୀଙ୍କ ଉପରେ ଆକ୍ରମଣ ହୋଇଥିଲା।

# ଶେଷରେ ଆଖିବୁଜିଲେ ପୀଡ଼ିତା

## ସ୍ତ୍ରୀକୁ ପୋଡ଼ି ହତ୍ୟା ଉଦ୍ୟମ ଘଟଣା

ପିପିଲି,୬।୪(ଇମିସ): ସ୍ଥାନୀୟ ଓରକଳ ଗାଁର କାଳନ୍ଦୀ ପ୍ରଧାନ ଗତକାଲି ତାଙ୍କ ସ୍ତ୍ରୀ ନମିତାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିବା ୨୪ ଘଣ୍ଟା ନ ପୂରୁଣୁ ଆଜି କଟକ ବଡ଼ଡାକ୍ତରଖାନାରେ ନମିତାଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ଗତକାଲି ପୋଡ଼ିହୋଇ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନମିତା ଆଜି ଦିନ ପ୍ରାୟ ୧୨ଟା ବେଳେ ପ୍ରାଣ ହରାଇଥିବା ଜଣାଯାଇଛି। ଏହି ଘଟଣା ପ୍ରଚାର ହେବା ପରେ ପିପିଲି ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି ପିପିଲି ପୁଲିସ କାଳନ୍ଦୀଙ୍କ ଘରକୁ ଯାଇଥିବା ବେଳେ ସେଠାରେ ତାଲା ଝୁଲୁଥିବାରୁ ବାଧ୍ୟହୋଇ କବାଟ ଭାଙ୍ଗି ଘରେ ପଶିଥିଲା। ସେଠାରୁ କିରାସିନି ଜାରକିନ ସହ ପୋଡ଼ା ଅଙ୍ଗାର ଜବତ କରିଛି। ଏଥିସହ ପୁରୀରୁ ଏକ ବିଶେଷଜ୍ଞ ଦଳ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। କିନ୍ତୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତଙ୍କୁ ଧରିବାକୁ ସକ୍ଷମ ହୋଇପାରିନାହିଁ।

ସୂଚନା ଥାଉକି ଗତକାଲି ଓରକଳ ଗାଁର କାଳନ୍ଦୀ ପ୍ରଧାନ(୩୦) ଓରଫ କାଳୁଙ୍କ ସହ ତାଙ୍କ ସ୍ତ୍ରୀ ନମିତା ନାୟକଙ୍କ ମଧ୍ୟରେ ଯୌତୁକ ଟଙ୍କାକୁ ନେଇ ଯୁକ୍ତି ତର୍କ ହୋଇଥିଲା। ଆଉ ୬ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ନମିତାଙ୍କୁ କାଳୁ ବାଧ୍ୟ କରିଥିଲେ। କିନ୍ତୁ ନମିତା ଏଥିରେ ଅସହାୟତା ପ୍ରକାଶ କରିବାରୁ କାଳୁ କିରାସିନି ଢାଳି ନମିତାଙ୍କ ଦେହରେ ନିଆଁ ଲଗାଇଦେଇଥିଲେ। ପୋଡ଼ିହୋଇ ନମିତା ଯନ୍ତ୍ରଣାରେ ଛଟପଟ ହେବା ସହ ଚିତ୍କାର କରିବାରୁ ପଡ଼ୋଶୀମାନେ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ଲାଗି ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକରୁ ଅଧିକ ଖରାପ ହେବାରୁ ପୁଣି ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ନମିତାଙ୍କ ବାପା ନବକିଶୋର ନାୟକ ଏନେଇ ପିପିଲି ଥାନାରେ ଜ୍ୱାଇଁଙ୍କ ନାଁରେ ଏତଲା ଦେଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ ଅଧିକ ଯୌତୁକ ମାଗି ନିରାଶ ହେବା ପରେ ନିଜେ ଜ୍ୱାଇଁ କିରାସିନି ଢାଳି ଝିଅ ଦେହରେ ନିଆଁ ଲଗାଇ ଦେଇଛନ୍ତି।

# ଯୁବତୀଙ୍କ ବେକ କାଟିଲା ଯୁବକ

କଙ୍କଡ଼ାହାଡ଼,୮/୪(ଇମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ବାଟଗାଁ ଛକରେ ଆଜି ଅପରାହ୍ଣରେ ଜଣେ ଯୁବକ ଜଣେ ଯୁବତୀଙ୍କ ବେକ କାଟିଦେବାରୁ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସଂପୃକ୍ତ ଯୁବକଙ୍କୁ ଗ୍ରାମବାସୀ ଧରି ପୁଲିସ ଜିମା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ବାଟଗାଁ ଛକରେ ଏକ ଟେଲର୍ ଦୋକାନରେ ଅପରାହ୍ଣ ୨ଟାବେଳେ ସେହି ଗ୍ରାମର ବିଚିତ୍ରାନନ୍ଦ ପରିଡ଼ାଙ୍କ ଝିଅ ମୋନାଲିସା ପରିଡ଼ା (୧୮) ପୋଷାକ ମରାମତି କରୁଥିଲେ। କାମାକ୍ଷାନଗର ଥାନା ମଠକରଗୋଳା ବାଲିସାହିର ରବିନାରାୟଣ ରାଉତଙ୍କ ପୁଅ ରଂଜନ ରାଉତ (୨୫) ମୋନାଲିସାଙ୍କୁ ଦେଖି ଅତର୍କିତ ଭାବେ ଏକ ବ୍ଲେଡ୍‌ରେ



ତାଙ୍କ ବେକ ପଛପାଖରୁ କାଟି ଦେଇଥିଲା। ଗ୍ରାମବାସୀ ରଂଜନକୁ କାବୁ କରି ପୁଲିସ ଜିମା ଦେଇଥିଲେ। ଗୁରୁତର ମୋନାଲିସାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ଅଭିଯୁକ୍ତ ରଂଜନଙ୍କୁ ପୁଲିସ ପଚରାଉଚରା କରୁଛି। ମୋନାଲିସାଙ୍କ ସହିତ ରଂଜନଙ୍କର ପୂର୍ବରୁ ପରିଚୟ ଥିଲା। ତେବେ ଘଟଣାର କାରଣ ସ୍ପଷ୍ଟ ହୋଇନଥିବାବେଳେ ପୂର୍ବ ଶତ୍ରୁତାରୁ ରଂଜନ ଏଭଳି କାଣ୍ଡ ଭିଆଇଛି ବୋଲି କଙ୍କଡ଼ାହାଡ଼ ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ପ୍ରକାଶ କରିଛନ୍ତି। ମୋନାଲିସା ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ। ବିଚିତ୍ରାନନ୍ଦଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁଷ୍କର୍ମ କରି ଲଜିଂ ମାଲିକ ଗିରଫ

ପୁରୀ, ୧୦/୪(ଇମିସ): ଏକ ଲଜିଂର ମାଲିକ ବିରୋଧରେ ଜନୈକ ମହିଳା ସଫେଇ କର୍ମଚାରୀ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି। ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଅଭିଯୋଗ ପାଇ ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଲଜିଂ ମାଲିକଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। କୋର୍ଟରେ ଲଜିଂ ମାଲିକର ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଖବର ନେବାରେ ଜଣାପଡ଼ିଛି ଯେ ଟାଉନ ଥାନା ଅନ୍ତର୍ଗତ ଶ୍ୟାମକୁଞ୍ଜ ଗଳିରେ ଗଙ୍ଗାଧର ସାହୁ(୪୮)ଙ୍କର ଅନ୍ନପୂର୍ଣ୍ଣା ଲଜିଂ ରହିଛି। ଦୀର୍ଘ ଦିନ ଧରି ଏହି ଗଳିରେ ଥିବା କେତେକ ଲଜିଂରେ ସେକ୍ସ ର୍‍ୟାକେଟ ଚାଲୁଥିବା ନେଇ ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଗତକାଲି ଟାଉନ ଥାନା ପୁଲିସ ଏହି ସାହିରେ ଥିବା ଲଜିଂମାନଙ୍କରେ ଚଢ଼ଉ ଆରମ୍ଭ କରିଥିଲେ। ଅନ୍ନପୂର୍ଣ୍ଣା ଲଜିଂରେ ଚଢ଼ଉ କରିବା ସମୟରେ ସେଠାରେ ଜନୈକ ମହିଳା ସଫେଇ କର୍ମଚାରୀଙ୍କୁ ଏକ ରୁମରୁ ପୁଲିସ ଉଦ୍ଧାର କରିଥିଲା। ପୁଲିସକୁ ଦେଖି ସମ୍ପୃକ୍ତ ମହିଳା ନିଜ ଲଜିଂ ମାଲିକ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ଲଜିଂ ମାଲିକ ଗଙ୍ଗା ତାଙ୍କୁ ସମ୍ପୃକ୍ତ ରୁମରେ ରଖି ବାରମ୍ବାର ଦୁଷ୍କର୍ମ କରୁଥିବା ନେଇ ସେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଗଙ୍ଗାଙ୍କୁ ଗିରଫ କରିଥିଲେ। ଆଜି ଏହି ଦୁଇ ଜଣଙ୍କୁ ଡାକ୍ତରୀ ମାଇନା ଲାଗି ପୁଲିସ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହାପରେ ଲଜିଂ ମାଲିକ ଗଙ୍ଗାଙ୍କୁ ଦୁଷ୍କର୍ମ ମାମଲାରେ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ, ହତ୍ୟା ସନ୍ଦେହ

କେସିଙ୍ଗା, ୧୧।୪ (ଇମିସ): କେସିଙ୍ଗା ଥାନା ବେଲଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ତାଲଭଁରା ଗାଁରେ ମଞ୍ଜୁ ହେର୍ଣ୍ଣା (୩୫) ନାମକ ଜଣେ  ମହିଳା ନିଆଁରେ ପୋଡ଼ି ପ୍ରାଣ ହରାଇଛନ୍ତି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପଟେ ପତ୍ନୀର ଏଭଳି ଦଶା ପାଇଁ ସ୍ୱାମୀ ନିଜ ବାପାଙ୍କୁ ଦାୟୀ କରିବା ସମସ୍ୟାକୁ ଅଧିକ ଜଟିଳ କରିଛି। ଖବର ପାଇ କେସିଙ୍ଗା ପୁଲିସ୍ ଶବ ଜବତ କରିଛି।ମିଳିଥିବା ସୂଚନାନୁଯାୟୀ ଗାଁର ବିଶ୍ୱାମିତ୍ର ହେର୍ଣ୍ଣା ମଞ୍ଜୁଙ୍କୁ ୯ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ତେବେ ଆଜି ସେ ଗାଧୋଇବାକୁ ଯାଇ ଫେରିବା ବେଳେକୁ ମଞ୍ଜୁ ନିଆଁରେ ପୋଡ଼ିଯାଉଥିବା ଦେଖିବାକୁ ପାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ତେବେ ସେତେବେଳକୁ ମଞ୍ଜୁ ୯୦ ପ୍ରତିଶତ ପୋଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ମଞ୍ଜୁଙ୍କୁ କେସିଙ୍ଗା ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୁଣ୍ଡ, ହାତ କାଟି ଶିଶୁକୁ ହତ୍ୟା!



ରବିର ଫାଇଲ୍ ଫଟୋ

ନୟାଗଡ଼/ଓଡ଼ଗାଁ, ୨୮/୩ (ଇମିସ): ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା କୋଡ଼ିଏ କାହାଣୀଆ ଗାଁରେ ଗୋଟିଏ ଦେଢ଼ ବର୍ଷର ନିଷ୍ପାପ ଶିଶୁକୁ ଅତ୍ୟନ୍ତ ଅମାନବୀୟ ଭାବେ ହାତ, ମୁଣ୍ଡ କାଟି ହତ୍ୟା କରାଯାଇଥିବା ଘଟଣା ପଦାକୁ ଆସିଛି। ଶିଶୁର କଟାମୁଣ୍ଡ ପୋଖରୀରୁ ଉଦ୍ଧାର କରାଯାଇଛି। କଟାହାତକୁ ଆଳଣା ତଳୁ ଓ ଦେହଅଂଶକୁ ଏକ ଡେକ୍‌ଚି ମଧ୍ୟରୁ ଉଦ୍ଧାର କରାଯାଇଛି। ଏହି ଡେକ୍‌ଚିରେ ଗରମ ପାଣିରେ ଶିଶୁର ଶରୀରକୁ ସିଝା ଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି।

ଶିଶୁଟିର ମା' ଭୁବନେଶ୍ୱରରେ ରହି କାମ କରୁଥିବା ବେଳେ ତାଙ୍କ ଅନୁପସ୍ଥିତିରେ ଏହି ଅଘଟଣ ଘଟିଛି। ଏ ନେଇ ସ୍ଥାନୀୟ ଅଂଚଳରେ ଆଲୋଡ଼ନ ଖେଳି ଯାଇଥିବା ବେଳେ ପୁଲିସ ଶିଶୁଟିର ସଂପର୍କୀୟ ଅଜା ଆଇଙ୍କୁ ଗିରଫ କରିଛି। ଶିଶୁଟିର ଶବକୁ ମାଟିରେ ପୋତିବା ପାଇଁ ନେବା ବେଳେ ଗ୍ରାମବାସୀ ଅଭିଯୁକ୍ତଙ୍କୁ ଧରିଥିଲେ। ➥ ୭

# ମୁଣ୍ଡ, ହାତ କାଟି ଶିଶୁକୁ ....

ଘଟଣାରୁ ପ୍ରକାଶ କୋଡ଼ିଏ କାହାଣୀଆ ଗ୍ରାମର ଦୁଃଶାସନ ସାହୁଙ୍କ ଝିଅ ମୋନାଲିସା ମହାପାତ୍ରଙ୍କ ଏକମାତ୍ର ଶିଶୁପୁତ୍ର ରବି ଗତକାଲି ପୂର୍ବାହ୍ନରୁ ନିଖୋଜ ଥିଲା। ବହୁ ଖୋଜାଖୋଜି ପରେ ବି ରବିର ଖୋଜ୍‌ଖବର ପାଇନଥିଲେ ପରିବାର ଲୋକ। ତେବେ ଆଜି ସକାଳୁ ସକାଳୁ ମୋନାଲିସାଙ୍କ ଖୁଡ଼ି ଜ୍ୟୋତ୍ସ୍ନାରାଣୀ ସାହୁ(୩୫) ଏକ ଡେକ୍‌ଚିରେ କିଛି ଜିନିଷ ଲୁଚାଇ ନେଉଥିବା ବେଳେ ଗ୍ରାମବାସୀ ସନ୍ଦେହ ପ୍ରକଟ କରି ତାଙ୍କୁ ଅଟକାଇଥିଲେ। ଏହି ଡେକ୍‌ଚି ହିଁ ଖୋଲିଲା ରବି ମୃତ୍ୟୁର ରହସ୍ୟ। ଡେକ୍‌ଚି ଭିତରେ ଶିଶୁପୁତ୍ରର କ୍ଷତବିକ୍ଷତ ଶରୀର ଦେଖି ତାଜୁବ୍ ହୋଇଥିଲେ ଗ୍ରାମବାସୀ। ଶିଶୁ ଶବର ଗୋଟିଏ ହାତ ଆଉ ମୁଣ୍ଡ ନଥିଲା। ଶରୀର ସିଝିଗଲା ଭଳି ଦିଶୁଥିଲା। ଡେକ୍‌ଚି ସହ ଜ୍ୟୋସ୍ନାରାଣୀଙ୍କୁ ଅଟକ ରଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଖୋଳତାଡ଼ କରିବା ପରେ ଏହା ନିଖୋଜ ରବିର ଶବ ବୋଲି ଜଣା ପଡ଼ିଥିଲା। ଜ୍ୟୋତ୍ସ୍ନାରାଣୀଙ୍କ ସୂଚନା ଅନୁସାରେ ତାଙ୍କ ଘର ଆଲଣା ତଳୁ ରବିର କଟା ହାତ ଏବଂ ବାଡ଼ିପଟ ପୋଖରୀ ଭିତରୁ କଟାମୁଣ୍ଡ ଉଦ୍ଧାର କରିଥିଲା ପୁଲିସ। ତେବେ ହତ୍ୟାକାଣ୍ଡର ଅସଲ କାରଣ ଓ ହତ୍ୟାକାଣ୍ଡର ସ୍ୱରୂପ ସମ୍ପର୍କରେ ପୁଲିସ କୌଣସି ତଥ୍ୟ ଦେଇନାହିଁ। ତଦନ୍ତ ହେଲେ ଅଧିକ ତଥ୍ୟ ପଦାକୁ ଆସିବ ବୋଲି ଶରଣକୁଳ ଆଇଆଇସି ସଂଗ୍ରାମ କିଶୋର ବିଶ୍ୱାଳ କହିଛନ୍ତି। ଅନ୍ୟପଟେ ଶିଶୁକୁ ଗରମ ପାଣିରେ ସିଝାଇ ହତ୍ୟା କରାଯିବା ପରେ ଖଣ୍ଡଖଣ୍ଡ କରି ଭିନ୍ନଭିନ୍ନ ସମୟରେ ପୋତି ଦେବାକୁ ଜ୍ୟୋତ୍ସ୍ନାରାଣୀ ଉଦ୍ୟମ କରୁଥିଲେ ବୋଲି କିଛି ଗ୍ରାମବାସୀ ସୂଚନା ଦେଇଛନ୍ତି। ଅନ୍ୟପଟେ ପୁଅକୁ ବାପଘରେ ଛାଡ଼ି ସେ ଭୁବନେଶ୍ୱରରେ ରହୁଥିଲେ ଓ ହତ୍ୟାକାଣ୍ଡ କାରଣ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି ରବିର ମା' ମୋନାଲିସା।

ଗ୍ରାମବାସୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ପାଖାପାଖି ଘରେ ରହୁଥିବା ଦୁଇଭାଇ ଦୁଃଶାସନ ଓ ଶିଶିରଙ୍କ ପରିବାର ମଧ୍ୟରେ ପୂର୍ବ ଶତ୍ରୁତା ଥିଲା। ୩ ବର୍ଷ ତଳେ କଟକ ଜିଲ୍ଲା ବୈଦେଶ୍ୱର ଥାନା କଳାପଥର ନୂଆସାହିରେ ବିବାହ କରିଥିଲେ ଦୁଃଶାସନଙ୍କ ଝିଅ ମୋନାଲିସା। ବାରମ୍ବାର ଯୌତୁକ ନିର୍ଯାତନା ପରେ ମୋନାଲିସା ସ୍ୱାମୀ ଘର ଛାଡ଼ି ଆସି କୋଡ଼ିଏ କାହାଣୀଆରେ ରହୁଥିଲେ। ସ୍ୱାମୀଙ୍କ ସହ ତାଙ୍କ ବିବାଦ ନେଇ ନ୍ୟାୟାଳୟରେ ଏବେ ମାମଲା ଚାଲୁଅଛି। ମୋନାଲିସାଙ୍କ ବିବାହ ତାଙ୍କର ଦାଦା ଶିଶିର ସାହୁ(୪୮) ଏବଂ ଖୁଡ଼ି ଜ୍ୟୋତ୍ସ୍ନାରାଣୀ ସାହୁ (୩୫) କରାଇଥିଲେ। ବିବାହ ବେଳେ ମୋନାଲିସାଙ୍କ ବାପା ଦୁଃଶାସନ ଓ ଦାଦା ଶିଶିରଙ୍କ ପରିବାର ମଧ୍ୟରେ ବିବାଦ ହୋଇଥିଲା। ୬ ମାସ ତଳେ ବାପ ଘରେ ପୁଅ ରବିର ସ୍ୱନକ୍ଷତ୍ର ଉତ୍ସବ ବେଳେ ପୁନର୍ବାର ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ୩ ମାସ ତଳେ ପୁଅକୁ ନିଜ ମା' ପାଖରେ ଛାଡ଼ି ମୋନାଲିସା ବାପା ଦୁଃଶାସନଙ୍କ ସହ କାମଧନ୍ଦା କରିବାକୁ ଭୁବନେଶ୍ୱର ଚାଲିଯାଇଥିଲା। ତେବେ ଗତକାଲି ପୂର୍ବାହ୍ନରେ ଘରେ ପୁଅ ଖେଳୁଥିବା ବେଳେ ହଠାତ କେଉଁଆଡ଼େ ନିଖୋଜ ହାଇଯାଇଥିଲା। ମା'ଙ୍କ ଠାରୁ ଖବର ପାଇ ମୋନାଲିସା ଏବଂ ତାଙ୍କ ବାପା ଗତକାଲି ଅପରାହ୍ନରେ ଭୁବନେଶ୍ୱରରୁ ଗାଁକୁ ଆସିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରତିହିଂସା ପରାୟଣା ଖୁଡ଼ି ଏଭଳି ବିଭତ୍ସ କାଣ୍ଡ ଘଟାଇଥାଇପାରେ ବୋଲି ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି। ଆଜି ସକାଳୁ ଏଭଳି ଖବର ପ୍ରଚାରିତ ହେବା ପରେ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳି ଯାଇଛି। ମୋନାଲିସାଙ୍କ ଅଭିଯୋଗ କ୍ରମେ ଏ ସଂକ୍ରାନ୍ତରେ ଶରଣକୁଳ ଥାନାରେ କେସ୍ ନଂ. ୨୭/୧୪, ଦଫା ୩୦୨ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତ ଶିଶିର ଓ ତାଙ୍କ ପତ୍ନୀଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି। ସେମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ଗିରଫ ଦମ୍ପତିଙ୍କ ୨ ଝିଅ ଓ ଗୋଟିଏ ପୁଅକୁ ମଧ୍ୟ ପୁଲିସ ଅଟକ ରଖି ପଚରା ଉଚରା ଚଳାଇଛି।

# ଅପହରଣ ପରେ ଦୁଷ୍କର୍ମ, ଯୁବକ ଗିରଫ

ପୁରୀ/ନିମାପଡ଼ା, ୨୮/୩(ଇମିସ): ଗତ ୨୬ ତାରିଖ ଦିନ ନିମାପଡ଼ା ଅଞ୍ଚଳର ଜନୈକ ୧୫ ବର୍ଷୀୟା ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହେବା ପରେ ପୁଲିସ ନାବାଳିକାକୁ ଏକ ବଗିଚାରୁ ଉଦ୍ଧାର କରିଛି। ଅପହରଣ ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି।

ଖବର ମୁତାବକ ନାବାଳିକାକୁ ଠାବ କରିବା ପାଇଁ ଏସ୍‌ପି ଅନୁପ ସାହୁ ନିମାପଡ଼ା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ମଧ୍ୟାହ୍ନରେ ନିମାପଡ଼ା ଥାନା ଇନ୍‌ସ୍ପେକ୍ଟର ଦିଲିପ ତ୍ରିପାଠୀ ସଦଳବଳେ ସମ୍ପୃକ୍ତ ନାବାଳିକାକୁ ଏକ ବଗିଚାରୁ ଉଦ୍ଧାର କରିଥିବା ବେଳେ ତାକୁ ଅପହରଣ କରିନେଇ ବାରମ୍ବାର ଦୁଷ୍କର୍ମ କରିଥିବା ଏକ ଟ୍ରାକ୍ଟର ଚାଳକକୁ ଗିରଫ କରିବାରେ ସକ୍ଷମ ହୋଇଛି। ଆଜି ଏହି ନାବାଳିକାକୁ ସଦର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅନ୍ୟପଟେ ଅଭିଯୁକ୍ତ ଟ୍ରାକ୍ଟର ଚାଳକ ଦିପକ ଓରଫ ରଶ୍ମିରଞ୍ଜନ ନାଥ(୨୩)କୁ ଆସନ୍ତାକାଲି ଡାକ୍ତରୀ ମାଇନା କରାଯିବ ବୋଲି ଜଣାପଡ଼ିଛି। ଦିପକର ଘର ନିମାପଡ଼ା ଥାନା ଅନ୍ତର୍ଗତ ଶେଉଳ ସାହିରେ ବୋଲି ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ସମ୍ପୃକ୍ତ ନାବାଳିକା ନିଜ ମାମୁଘରେ ରହି ପାଠ ପଢୁଥିଲେ। ମାତ୍ର ଗତ ୨୬ ତାରିଖ ମଧ୍ୟାହ୍ନରେ ଦିପକ ଏହି ନାବାଳିକାକୁ ଅପହରଣ କରିନେଇ ଏକ ବଗିଚାରେ ଥିବା ଏକ ଘରେ ଅଟକ ରଖିଥିଲା। ଏଠାରେ ସମ୍ପୃକ୍ତ ନାବାଳିକା ସହିତ ଦିପକ ବଳପୂର୍ବକ ବାରମ୍ବାର ଦୁଷ୍କର୍ମ କରିଥିଲା।

# ସ୍କୁଲରେ ମାଟି ଖୋଳୁଛନ୍ତି ପିଲା!





ପାଣିକୋଇଲି, ୨୮/୩(ଇମିସ): ସର୍ବଶିକ୍ଷା ଯୋଜନାରେ ସରକାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସୋତି ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟରେ ଏହି ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହେଉଛି । ଟାଣ ଖରା ଯୋଗୁ ଏଠାରେ ସକାଳୁଆ ସ୍କୁଲ ଆରମ୍ଭ ହୋଇଛି । ମାତ୍ର ଶିକ୍ଷକମାନେ ଗୁରୁବାର ପୂର୍ବାହ୍ନ ୯ଟା ବେଳେ ପିଲାମାନଙ୍କୁ ପାଠ ପଢ଼ାଇବା ବଦଳରେ କୋଦାଳ, ଫାଉଡା ଦେଇ ମାଟି ହାଣିବାକୁ ପଠାଇ ଦେଇଥିବା ଦେଖିବାକୁ ମିଳିଥିଲା । କିଛି ଅଭିଭାବକ ଏହା ଦେଖି ହତଚକିତ ହୋଇପଡ଼ିଥିଲେ । ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପରିସରରେ କୌଣସି କଷ୍ଟକର କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ସରକାର ନିୟମ ପ୍ରଣୟନ କରିଛନ୍ତି । ମାତ୍ର ଏହାକୁ ବେଖାତିର କରି ଶିକ୍ଷକମାନେ ପିଲାମାନଙ୍କୁ ଖରାରେ କାମ କରାଉଥିବା ଅଭିଯୋଗ ହୋଇଛି । ତୁରନ୍ତ ଉକ୍ତ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଯୋଗଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ ।

# ଗାଁ ଦାଣ୍ଡରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

କାଳିଆପାଣି, ୬/୪(ଇମିସ) : ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଣଆନୁଷ୍ଠାନିକ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପରାମର୍ଶ ସେବା, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା ପାଇଁ ଉଦ୍ଦିଷ୍ଟ ଅଙ୍ଗନବାଡ଼ି କେନ୍ଦ୍ର ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ଛତାଟାଙ୍ଗର ଗ୍ରାମରେ ଦିଗହରା ହୋଇପଡ଼ିଛି। ଆବଶ୍ୟକ ଗୃହ କିମ୍ବା ଆଶ୍ରୟସ୍ଥଳୀ ଅଭାବରୁ ଏହି କେନ୍ଦ୍ର ଗାଁ ଦାଣ୍ଡରେ ଖୋଲାମେଲା ଅବସ୍ଥାରେ ଚାଲିଛି। ଖିରାଛାଇ ଖେଳରେ ପିଲାଙ୍କ ଭୋଜନ ଓ ପାଠପଢ଼ା ଅସ୍ୱାଭାବିକ ପରିବେଶରେ ଜାରି ରହିଛି। ବଣପାହାଡ଼ ଘେରା ତଥା ଶିକ୍ଷା ଅନଗ୍ରସର ମାଓ ଅଧ୍ୟୁଷିତ ଇଲାକାରେ ବହୁମୁଖୀ ସରକାରୀ ଯୋଜନାର ଇଏ ହେଲା ଏକ ବାସ୍ତବ ଚିତ୍ର। ଚାରିବର୍ଷ ତଳେ ଖୋଲା ଯାଇଥିବା ଉକ୍ତ କେନ୍ଦ୍ରଟି ପ୍ରଥମ ବର୍ଷ ଅଙ୍ଗନବାଡ଼ି କର୍ମଚାରୀ ଚମ୍ପାବତୀ ମହାନ୍ତଙ୍କ ନିଜସ୍ୱ ଘରେ ଚାଲିଥିଲା। ପରେ ଗ୍ରାମବାସୀଙ୍କ ସହଯୋଗରେ ଏକ ଛଣ ଛପର ଘର ନିର୍ମାଣ କରାଗଲା। ହେଲେ, ବର୍ଷେ ପରେ ତାହା ଝଡ଼ପବନରେ ଭାଙ୍ଗି ଯାଇଛି। ଏହା ପରଠୁ ଗାଁ ଦାଣ୍ଡ ହିଁ ପିଲାଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛି। ଅରଡ଼ାପାଳ-ବାଘୁଆସାହି ରାସ୍ତାରୁ ଗାଁ ରାସ୍ତାର ବାମପଟେ ଥିବା



ବାଉଁଶବୁଦା ଓ ଡାହାଣପଟେ ଥିବା ଶାଳଗଛର ଛାଇ ହିଁ ଏବେ ପିଲାମାନଙ୍କ ଭରସା। ସମ୍ପ୍ରତି ସକାଳୁଆ ପାଠପଢ଼ା ହେଉଥିବାରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଖରା ଉଠିବା ପୂର୍ବରୁ ୯ଟା ସୁଦ୍ଧା ପିଲାଙ୍କ ପାଠପଢ଼ା ଓ ଖିଆପିଆ ସାରି ଦିଆଯାଏ। ଅନ୍ୟଦିନେ ବାଉଁଶ ବୁଦାର ଛାଇ ହଟିଗଲେ ଶାଳଗଛ ମୂଳ ଏବଂ ସେଠାରେ ଖରା ଆସିଲେ ପିଲାମାନେ ବାଉଁଶବୁଦା ମୂଳକୁ ଉଠିବା ପାଇଁ ବାଧ୍ୟ ହୁଅନ୍ତି। ହେଲେ, ବର୍ଷା ହେଲେ ପିଲାଙ୍କୁ ଆସିବା ମନା। ଆସିଥିଲେ ପଡ଼ୋଶୀଙ୍କ ଦୟାରୁ ସେମାନଙ୍କ ଘର ଅଗଣାରେ ପିଲାଙ୍କୁ ଖାଦ୍ୟ ଖୁଆଇବାକୁ ପଡ଼ିଥାଏ ବୋଲି ଉଭୟ ଅଙ୍ଗନବାଡ଼ି କର୍ମୀ ଓ ପାଚିକା ପ୍ରକାଶ କରିଛନ୍ତି। କେନ୍ଦ୍ରରେ ଏଭଳି ପରିସ୍ଥିତି ଯୋଗୁଁ ପିଲାମାନଙ୍କୁ ପ୍ରତିଦିନ ଘରଘର ବୁଲି ଡାକିବାକୁ ପଡ଼େ। ଆବଶ୍ୟକ ଘର ଅଭାବରୁ ପାଚିକା ପ୍ରମୋଦିନୀ ମହାନ୍ତ ନିଜ ଘରେ ଚାଉଳ ଓ ପନିପରିବା ରଖନ୍ତି। ଏଥିସହ ରୋଷେଇ କରି ଅଧ କିଲୋମିଟର ଦୂରରୁ ଭାତ, ତରକାରୀ ବୋହି ପିଲାଙ୍କୁ ଖାଇବାକୁ ଦେଇଥା'ନ୍ତି। ସେହିପରି ଗର୍ଭବତୀ ମହିଳା ଓ ପ୍ରସୂତୀମାନଙ୍କ ପାଇଁ ସରକାର ଯୋଗାଇ ଦେଉଥିବା ଶୁଖିଲା ଖାଦ୍ୟକୁ ଅଙ୍ଗନବାଡ଼ି କର୍ମୀ ଜଣକ ନିଜ ଘରେ ସାଇତି ରଖନ୍ତି। ଅପରପକ୍ଷରେ ଉକ୍ତ କେନ୍ଦ୍ର ନିର୍ମାଣ ପାଇଁ ୨୦୧୨-୧୩ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ତାହା ଅଦ୍ୟାବଧି ସଂପୂର୍ଣ୍ଣ ହୋଇପାରି ନ ଥିବା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ସମ୍ବେଦନଶୀଳ ଓ ଆଦିବାସୀ ବହୁଳ ଇଲାକା ହୋଇଥିଲେ ମଧ୍ୟ ଅଙ୍ଗନବାଡ଼ି ସୁପରଭାଇଜର ବର୍ଷକୁ ଥରେଅଧେ ଏଠାକୁ ଆସୁଥିବା ବେଳେ ବର୍ଷବର୍ଷ ଧରି ସିଡିପିଓ କେନ୍ଦ୍ର ମାଟି ମାଡ଼ି ନ ଥିବା ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଦଳିତ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

## ପୀଡ଼ିତା ୨ ମାସର ଅନ୍ତଃସତ୍ତ୍ୱା

ପିପିଲି, ୭।୪ (ଇମିସ): ପିପିଲି ଥାନା କମଳାସାଗର ପାଟଣା ଅଞ୍ଚଳର ଜଣେ ନବମ ଶ୍ରେଣୀରେ ପଢୁଥିବା ଦଳିତ ଛାତ୍ରୀଙ୍କୁ ଦୁଇଜଣ ଯୁବକ ବାରମ୍ବାର ଦୁଷ୍କର୍ମ କରିବା ଏବଂ ପୀଡ଼ିତା ଏବେ ୨ ମାସର ଗର୍ଭବତୀ ଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ପ୍ରଘଟ ହେବା ପରେ ପୀଡ଼ିତାଙ୍କୁ ହତ୍ୟା ଉଦ୍ୟମ ହୋଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି।

ଅଭିଯୋଗ ଅନୁଯାୟୀ, କମଳାସାଗର ପାଟଣା ଅଞ୍ଚଳର ସ୍ଥାନୀୟ ଏକ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ଦଳିତ ଛାତ୍ରୀ ସୁକାନ୍ତି(ଛଦ୍ମନାମ, ୧୭)ଙ୍କୁ ସ୍ଥାନୀୟ ହାଟସାହି ଗ୍ରାମର କାର୍ତ୍ତିକ ବେହେରା(୩୦) ଓ କମଳାସାଗର ପାଟଣା ଗାଁର ସଂଗ୍ରାମ ବେହେରା(୩୧) ଅର୍ଥ ଓ ବିବାହର ପ୍ରଲୋଭନ ତଥା ଧମକଚମକ ଦେଇ ବାରମ୍ବାର ଦୁଷ୍କର୍ମ କରିଛନ୍ତି। ଏହି ଘଟଣା ପଛରେ ସୁକାନ୍ତିଙ୍କ ଜଣେ ସାଙ୍ଗଙ୍କ ମାଆ ମଧ୍ୟ ସାମିଲ ଥିବା ଅଭିଯୋଗ ହୋଇଥିବା ବେଳେ ସୁକାନ୍ତି ଏବେ ୨ ମାସର ଗର୍ଭବତୀ ବୋଲି ତାଙ୍କ ବାପା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଗତ ୩ ତାରିଖ ଦିନ କାର୍ତ୍ତିକଙ୍କ ସହ ସୁକାନ୍ତିଙ୍କର ବିବାହ କରାଇଦେବାକୁ ସମ୍ପୃକ୍ତ ମହିଳାଙ୍କ ସହ ଦୁଇ ଅଭିଯୁକ୍ତ ଯୁବକ ସୁକାନ୍ତିଙ୍କୁ ପୁରୀ ନେଇଯାଇଥିଲେ। ତେବେ ବାଟରେ ଟ୍ରେନ୍‌ରୁ ଠେଲି ହତ୍ୟା କରିବାକୁ ଯୋଜନା କରୁଥିବା ଜାଣିପାରି ସୁକାନ୍ତି ତାଙ୍କ କବଳରୁ ଖସିଆସି ଘରେ ପହଞ୍ଚିଥିଲେ। ସମସ୍ତ ଘଟଣା ଜାଣିବା ପରେ ସୁକାନ୍ତିଙ୍କ ବାପା ପିପିଲି ଥାନାରେ ଅଭିଯୋଗ କରିଛନ୍ତି

ଅଭିଯୋଗ ଭିତ୍ତିରେ ପୁଲିସ କେସ୍ ନଂ. ୧୨୧/୧୪ରେ ଆଇପିସିର ୩୭୬(ଡି)/୩୬୬/୫୦୬/୧୦୯/୩୪ ଓ ୩/୪ ପ୍ରୋଟେକ୍ସନ୍ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ ସେକ୍ସୁଆଲ୍ ଅଫେନ୍ସ ଆକ୍ଟରେ ମାମଲା ରୁଜୁ କରିଛି। ପୀଡ଼ିତା ଛାତ୍ରୀଙ୍କୁ ପୁଲିସ ଡାକ୍ତରୀମାଇନା ପାଇଁ ପୁରୀ ପଠାଇବା ସହ ଘଟଣାର ତଦନ୍ତ କରୁଛି। ତେବେ ଅଭିଯୁକ୍ତ ଦ୍ୱୟ ଗିରଫ ହୋଇନଥିବା ଜଣାପଡ଼ିଛି।

# ଦୁଇ ସଦ୍ୟଜାତ ଶିଶୁକନ୍ୟାଙ୍କ ଶବ ଖାଇଗଲେ କାଉ, କୁକୁର

ଓଡ଼ଗାଁ, ୮।୪ (ଇମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଭିକାରୀପଡ଼ା ଶିଖରପୁର ରାସ୍ତାର କୁସୁମୀ ନଦୀ କୂଳରୁ ଗତ ୩ ଦିନ ତଳେ ଏକ ସଦ୍ୟଜାତ ଶିଶୁକନ୍ୟାର ଶବକୁ ପୁଲିସ ଉଦ୍ଧାର କରିଥିବା ବେଳେ ଆଜି ସକାଳେ ରବିଗାଡ଼ିଆ ପଞ୍ଚାୟତର ଆନନ୍ଦପୁର ନୂଆପୋଖରୀ ପାଖ ବିଲ ମଝିରେ ଦୁଇଟି ସଦ୍ୟଜାତ ଶିଶୁକନ୍ୟାଙ୍କ ଶବ ପଡ଼ିଥିବା ଦେଖିବାକୁ ମିଳିଛି। ସକାଳେ ପୋଖରୀକୁ ଗାଧୋଇବାକୁ ଆସିଥିବା ସ୍ଥାନୀୟ ଲୋକମାନେ ଏକ ପଲିଥିନ୍ ବ୍ୟାଗରେ ଏହି ଶବ ଦୁଇଟି ପଡ଼ିଥିବା ଦେଖିଥିଲେ। ଏଥିରେ ଗର୍ଭପାତ ବେଳେ ବ୍ୟବହୃତ ଗ୍ଲୋଭ୍ସ ମଧ୍ୟ ରହିଥିଲା। ଏହି ଭ୍ରୁଣ ଦୁଇଟିର ବୟସ ୫/୬ମାସ ହେବ ବୋଲି ଅନୁମାନ କରାଯାଉଛି। କିଏ ଓ କେଉଁ ପରିସ୍ଥିତିରେ ଏଠି ସେମାନଙ୍କୁ ଫୋପାଡ଼ିଛି ତାହା ଜଣାପଡ଼ି ନାହିଁ। ତେବେ ସ୍ଥାନୀୟ ଅଞ୍ଚଳରେ ଏହିଭଳି ବେଆଇନ୍ ଗର୍ଭପାତ ଚାଲିଥିବା ଅଭିଯୋଗ ହୋଇଛି। ଅପରାହ୍ଣ ବେଳକୁ କାଉ ଓ କୁକୁରମାନେ ଏହି ଦୁଇ ଶବକୁ ଖାଇଦେଇଥିବା ଜଣାପଡ଼ିଛି।

# ନାବାଳିକାକୁ ଅପହରଣ ଅଭିଯୋଗ, ଜଣେ ଗିରଫ

## ମାମଲା ଚପାଇବାକୁ ପୁଲିସର ଉଦ୍ୟମ

ନୟାଗଡ଼, ୮/୪(ଇମିସ): ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଅପହର୍ତ୍ତା ଯୁବକ ପାଖରେ ଦୁଇଦିନ ରହିବା ପରେ ନାବାଳିକା ଉଦ୍ଧାର ହୋଇଥିବା ବେଳେ ନିର୍ବାଚନ ସମୟ ହୋଇଥିବାରୁ ମାମଲା ଚପାଇବାକୁ ପୁଲିସ ଉଦ୍ୟମ କରୁଛି। ଅଭିଯୋଗ ପ୍ରତ୍ୟାହାର ପାଇଁ ପୀଡ଼ିତାର ପରିବାର ଉପରେ ଚାପ ପଡୁଥିବା ବେଳେ ଘଟଣାକୁ ଗଣମାଧ୍ୟମ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଛି ଟାଉନ୍ ଥାନା ପୁଲିସ। ତେବେ ଘଟଣା ପ୍ରଘଟ ହୋଇଯିବା ପରେ ବାଧ୍ୟ ହୋଇ ପୁଲିସ ଆଜି ମାମଲା ରୁଜୁ କରି ଉଭୟ ଅଭିଯୁକ୍ତ ସୁଶାନ୍ତ ଜେନା(୨୪) ଓ ପୀଡ଼ିତା ମିଲି (ଛଦ୍ମନାମ)ଙ୍କର ଡାକ୍ତରୀ ମାଇନା କରିଛି। ଏ ନେଇ ଟାଉନ୍ ଥାନରେ କେସ୍ ନମ୍ବର ୯୨/୨୦୧୪ରେ ମାମଲା ରୁଜୁ ହେବା ପରେ ଆଜି ଅଭିଯୁକ୍ତ ସୁଶାନ୍ତକୁ ବିଚାର ବିଭାଗୀୟ ଜେଲ୍‌କୁ ପଠାଇ ଦିଆଯାଇଛି।



ଘଟଣାରୁ ପ୍ରକାଶ ଅଭିଯୁକ୍ତ ସୁଶାନ୍ତର ଘର ଓଡ଼ଗାଁ ଥାନା କୋମଣ୍ଡ ପଞ୍ଚାୟତ ମକରପଦା ଗାଁରେ। ସେ ନୟାଗଡ଼ର ଏକ ରେଷ୍ଟୋରାଁରେ କାମ କରେ। ପୀଡ଼ିତା ମିଲିର ଘର ଇଟାମାଟି ଥାନା ବାଉଁଶିଆପଡ଼ାରେ ହୋଇଥିବା ବେଳେ ସେ ନୟାଗଡ଼ ଜଜାଙ୍ଗି ସାହି ସ୍ଥିତ ନିଜ ପିଉସୀ ନାନୀ ଘରେ ରହୁଥିଲା। ୧୩ ବର୍ଷୀୟା ମିଲି ସ୍ଥାନୀୟ ଏକ ଉଚ୍ଚ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପାଠ ପଢୁଥିଲା। ରବିବାର ମଧ୍ୟାହ୍ନ ୧୨ଟା ୩୦ରେ ମିଲି ନିଖୋଜ ହୋଇଯିବାରୁ ପରିବାର ଲୋକ ଟାଉନ୍ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପରଦିନ ମିଲିକୁ ଏକ ଅଟୋ ରିକ୍ସାରେ ବସାଇ ସୁଶାନ୍ତ ଓଡ଼ଗାଁରୁ ନୟାଗଡ଼ ଅଭିମୁଖେ ଆସୁଥିବା ବେଳେ ପୀଡ଼ିତାର ସମ୍ପର୍କୀୟମାନେ ସେମାନଙ୍କୁ ଠାବ କରି ପୁଲିସରେ ଖବର ଦେଇଥିଲେ। ପୁଲିସ ଉଭୟଙ୍କୁ ଧରି ନୟାଗଡ଼ ଆଣିଥିଲା। ସୋମବାର ସଂଧ୍ୟାରେ ପୀଡ଼ିତାଙ୍କ ପରିବାରକୁ ଡକାଇ ଥାନାରେ ମାମଲା ରଫାଦଫା କରିବା ପାଇଁ ଚାପ ପକାଇଥିଲା ପୁଲିସ ବୋଲି କହିଛନ୍ତି ପୀଡ଼ିତାଙ୍କ ବାପା। କିନ୍ତୁ କୌଣସି ବି ପରିସ୍ଥିତିରେ ମାମଲା ପ୍ରତ୍ୟାହାର କରିବାକୁ ରାଜି ହୋଇନଥିଲେ ପୀଡ଼ିତାଙ୍କ ବାପା। ଅନ୍ୟପଟେ ଗତକାଲି ରାତିରେ ମାମଲାର ଆପୋଷ ସମାଧାନ ହୋଇଯାଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ ଟାଉନ୍ ଥାନା ଆଇଆଇସି ରାମଚନ୍ଦ୍ର ସାହୁ। କିନ୍ତୁ ପରିବାର ଲୋକଙ୍କୁ ରାଜି କରାଇବାରେ ବିଫଳ ହେବା ପରେ ଗତକାଲି ରାତିରେ ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କୁ ଥାନାରେ ଅଟକ ରଖିଥିଲା ପୁଲିସ। ଆଜି ଏ ନେଇ ମାମଲା ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅଭିଯୁକ୍ତ ସୁଶାନ୍ତ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ମିଲିକୁ ସେ ନେଇ ରବିବାର ଦିନ ନୟାଗଡ଼ରେ ନିଜ ଭଡ଼ାଘରେ ରଖିଥିଲେ। ତେବେ ସୋମବାର ଦିନ ସେ ପୀଡ଼ିତାକୁ ନେଇ ବୁଗୁଡ଼ା ଯାଇଥିଲା ଏବଂ ସେଠାରୁ ଫେରୁଥିବା ବେଳେ ଧରାହେଲା ବୋଲି ମିଲିର ପରିବାର ଲୋକ କହିଛନ୍ତି। ଡାକ୍ତରୀ ମାଇନା ରିପୋର୍ଟ ଏଯାଏଁ ଆସିନଥିବା ବେଳେ ସୁଶାନ୍ତକୁ ଜେଲ୍ ପଠାଇଦିଆଯାଇଛି। ପୁଲିସ ମିଲିର ବୟାନ ରେକର୍ଡ କରି ତାକୁ ସର୍ଟ ଷ୍ଟେ ହୋମ୍ ସେବାକୁ ପଠାଇ ଦେଇଛନ୍ତି। ଆସନ୍ତାକାଲି ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ପୀଡ଼ିତାର ବୟାନ ରେକର୍ଡ କରାଯିବ ବୋଲି ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ଆଦିବାସୀ ଛାତ୍ରକୁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବା ମନା!



ହରିଚନ୍ଦନପୁର,୧୧।୪(ଇମିସ): ହରିଚନ୍ଦନପୁର ବ୍ଲକ ହରିତାଗୋଠ ଗ୍ରାମର ଅନାଥ ବାଳକ ଶ୍ୟାମସୁନ୍ଦର ମୁଣ୍ଡା ଗାଁ ସ୍କୁଲରେ ସପ୍ତମ ଶ୍ରେଣୀ ପାସ୍ କରିବା ପରେ ଅଧିକ ପାଠ ପଢ଼ିବା ପାଇଁ ଇଚ୍ଛା ରଖିଛନ୍ତି। ନାତିର ପାଠପଢ଼ା ଆଗ୍ରହ ଦେଖି ଜେଜେମା ଚାରିମା ମୁଣ୍ଡା ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବାକୁ ନିକଟସ୍ଥ ସ୍କୁଲକୁ ଯାଇଥିଲେ। କିନ୍ତୁ ତାଙ୍କ ନାତିକୁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବାକୁ ସ୍କୁଲ ପକ୍ଷରୁ ମନା କରାଯିବାରୁ ସେ ହତାଶ ହୋଇ ପଡ଼ିଛନ୍ତି। ତାଙ୍କ କହିବା ଅନୁସାରେ ପୁଅ ଲଦାର ମୁଣ୍ଡା ଓ ବୋହୂର ଅକାଳ ମୃତ୍ୟୁ ପରେ ସେ ନାତି ଶ୍ୟାମସୁନ୍ଦରକୁ ବହୁ କଷ୍ଟରେ ଗାଁ ସ୍କୁଲରେ ପାଠ ପଢ଼ାଇଛନ୍ତି। ସପ୍ତମ ଶ୍ରେଣୀ ପାସ କରିବା ପରେ ତାକୁ ଭଗାମୁଣ୍ଡାରେ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ସରକାରୀ ହାଇସ୍କୁଲରେ ପାଠ ପଢ଼ାଇବାକୁ ମନ କରିଥିଲେ। କିନ୍ତୁ ସେଠାରେ ନାମଲେଖା ଯାଇପାରିବ ନାହିଁ ଶୁଣି ସେ ନିରାଶ ହୋଇଛନ୍ତି। ତଥାପି ନାତିର ପାଠପଢ଼ା ଆଗ୍ରହକୁ ଭାଙ୍ଗିନପାରି ସେ ଆଜି ଶ୍ୟାମସୁନ୍ଦର ସହିତ ହରିଚନ୍ଦନପୁର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ନାତିର ନାମ ଲେଖାଇବାକୁ ଅନୁରୋଧ କରିଛନ୍ତି। ସରକାର ଆଦିବାସୀ ଶିଶୁଙ୍କ ଶିକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଆବାସିକ ସ୍କୁଲ ଖୋଲିଥିବାବେଳେ ଜଣେ ଗରିବ, ଅନାଥ ଆଦିବାସୀ ଶିଶୁକୁ ପାଠ ପଢ଼ିବାର ସୁଯୋଗ ନମିଳିବା ପରିତାପର ବିଷୟ। ପ୍ରଶାସନ ତୁରନ୍ତ ଶ୍ୟାମସୁନ୍ଦରକୁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ହଷ୍ଟେଲରେ ରହି ପାଠ ପଢ଼ିବାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନାବାଳିକାଙ୍କୁ ଗଣଦୁଷ୍କର୍ମ!

ସମ୍ବଲପୁର/ପଡ଼ିଆବାହାଲ,୧୨।୪ (ଇମିସ): ନିର୍ବାଚନ ପାଇଁ ସହର ସୁରକ୍ଷା ବଳୟରେ ଥିଲା। ତେବେ ସୁରକ୍ଷା ବଳୟ ହଟିବାର ୨୪ଘଣ୍ଟା ମଧ୍ୟରେ ସହର ଉପକଣ୍ଠ ଜମନକିରା ଥାନା ଅନ୍ତର୍ଗତ କୁଲୁଣ୍ଡି ଅଂଚଳରେ ଜଣେ ୧୫ ବର୍ଷୀୟା ବାଳିକା ଗଣଦୁଷ୍କର୍ମ ଶିକାର ହେବା ଭଳି ଏକ ସମ୍ବେଦନଶୀଳ ଖବର ଆସିଛି।



ଗତକାଲି ପୂର୍ବାହ୍ନ ୧୧ଟା ବେଳେ କୁଲୁଣ୍ଡି ଅଂଚଳର ଏହି ନାବାଳିକା ମୋବାଇଲ୍ ରିଚାର୍ଜ କରିବା ପାଇଁ ସାଇକେଲ୍‌ରେ ପଡ଼ିଆବାହାଲକୁ ଯାଇଥିଲେ। ମୋବାଇଲ ରିଚାର୍ଜ କରି ଘରକୁ ଫେରିବା ବାଟରେ ଦୁଇଜଣ ତାଙ୍କ ବାଟ ଓଗାଳିଥିଲେ। ନାବାଳିକା ଜଣକ ସାହାଯ୍ୟ ପାଇଁ ଚିତ୍କାର କରିବା ପୂର୍ବରୁ ଯୁବକ ଦ୍ୱୟ ତାଙ୍କ ପାଟି ବନ୍ଦ କରି ଉଠାଇ ନେଇଥିଲେ। ପାଖରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ଉପରେ ତାଙ୍କୁ ଦୁଷ୍କର୍ମ କରିଥିବା କୁହାଯାଉଛି। ପରେ ଅଭିଯୁକ୍ତମାନେ ତାଙ୍କୁ ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ନିକଟରେ ରାସ୍ତାକଡ଼ରେ ଫୋପାଡ଼ି ଦେଇ ଫେରାର ହୋଇଯାଇଥିବା କୁହାଯାଉଛି। କୌଣସି ବ୍ୟକ୍ତି ପରେ ନାବାଳିକାଙ୍କୁ ସଦର ଡାକ୍ତରଖାନା ଛାଡ଼ି ପଳାଇ ଯାଇଥିଲେ। ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଖବର ପାଇ ତାଙ୍କ ପରିବାର ଲୋକେ ରାତିରେ ସେଠାରେ ପହଂଚି ଥିଲେ। ଆଜି ଚାଇଲଡ୍ ଲାଇନ୍‌ର ଏକ ଟିମ ଡାକ୍ତରଖାନାକୁ ଆସିଥିଲେ। ଆଜି ସନ୍ଧ୍ୟାରେ ଯୁବତୀଙ୍କୁ ସଂଗରେ ଗୌଡ଼ପାଲି ଫାଣ୍ଡିକୁ ଆଣିଥିଲେ। ମାତ୍ର ଘଟନା ସଦର ଥାନା ଅଂଚଳରେ ହୋଇଥିବା କହି ଫାଣ୍ଡି ଅଧିକାରୀ ସଦର ଥାନାରେ ରିପୋର୍ଟ ଦେବାକୁ ପରାମର୍ଶ ଦେଇଥିଲେ। ରାତିରେ ସଦର ଥାନାରେ ସେମାନେ ପହଂଚି ଥିଲେ। ଏହା ପରେ ସଦର ଥାନା ପୁଲିସ୍ ନାବାଳିକାଙ୍କୁ ସଂଗରେ ନେଇ ଘଟଣାସ୍ଥଳ ପରିଦର୍ଶନ କରିବା ପାଇଁ ବାହାରିଥିଲେ। ଘଟନା ସଂକ୍ରାନ୍ତରେ ସଦର ଥାନା ଅଧିକାରୀ ରଶ୍ମିତା ବେହେରାଙ୍କୁ ପଚାରିବାରୁ କହିଲେ,ନାବାଳିକାଙ୍କ କଥାରେ ତାଳମେଳ ରହୁନାହିଁ। ଅନେକ ଜାଗା ଦେଖାଉଛନ୍ତି। ନାବାଳିକା ମାନସିକ ଭାବେ ଏବେ ସଂପୂର୍ଣ୍ଣ ସୁସ୍ଥ ନାହାନ୍ତି। ମାନସିକ ଅବସ୍ଥା ଠିକ୍ ନଥିବାରୁ ସେ ଆଗରୁ ଚିକିତ୍ସିତ ମଧ୍ୟ ହୋଇଥିଲେ। ସଂଗରେ ତାଙ୍କ ପରିବାର ଲୋକ ବି ଆସିନାହାନ୍ତି। ଚାଇଲଡ୍ ଲାଇନର କର୍ମଚାରୀମାନେ ନାବାଳିକାଙ୍କୁ ସଂଗରେ ନେଇ ଆସିଛନ୍ତି। ଏବେ ତଦନ୍ତ ଚାଲିଛି।

# ଝାରପଡ଼ା ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ




ଭୁବନେଶ୍ୱର,୨୪।୩(ଇମିସ): ଆଜି ସକାଳୁ ଝାରପଡ଼ା ଜେଲ୍‌ରେ ରହୁଥିବା ଜଣେ ବିଚାରାଧୀନ କଏଦୀର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତାଙ୍କ ନାଁ ବିହାରୀ ଜେନା। ଘର ଲକ୍ଷ୍ମୀସାଗର ଥାନା ଅଧୀନ ବମିଖାଲ ଗାଁରେ। ବମିଖାଲ ଗାଁର ତ୍ରିଲୋଚନ ପରିଡ଼ା ଓରଫ୍ କାହ୍ନାଙ୍କୁ ହତ୍ୟା ଘଟଣାରେ ସେ ଅଭିଯୁକ୍ତ ଥିଲେ। ପୁଲିସ ମୃତଦେହକୁ ଜବତ କରି କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଡାକ୍ତରୀ ମାଇନା କରିବା ଲାଗି ପଠାଇ ଦେଇଛି। ଜଣେ ଏକ୍‌ଜିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହର ବ୍ୟବଚ୍ଛେଦ କରାଯାଇଥିଲା। ଯାହାର ସଂପୂର୍ଣ୍ଣ ଭିଡିଓ ରେକର୍ଡିଂ କରାଯାଇଛି।

ଜେଲ୍ ସୁପରିନ୍‌ଟେଣ୍ଡେଣ୍ଟ୍ ରବୀନ୍ଦ୍ରନାଥ ସ୍ୱାଇଁଙ୍କ ସୂଚନା ଅନୁଯାୟୀ ଆଜି ସକାଳୁ ହଠାତ୍ ବିହାରୀ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍‌ସ ଯୋଗେ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲ୍‌ରେ ତାଙ୍କ ମୃତ୍ୟୁ ହେବା ପରେ ଜେଲ୍ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ଲକ୍ଷ୍ମୀସାଗର ଥାନା ପୁଲିସକୁ ଖବର ଦେଇଥିଲେ।

## ମ୍ୟାଜିଷ୍ଟ୍ରେଟ୍ ତଦନ୍ତ ଆରମ୍ଭ

ଲକ୍ଷ୍ମୀସାଗର ଥାନା ଇନ୍‌ସପେକ୍ଟର ପ୍ରଭାସ ପାଳଙ୍କ କହିବା ଅନୁଯାୟୀ ଏ ନେଇ ଏକ ଅପମୃତ୍ୟୁ ମାମଲା ୫/୧୪ ରୁଜୁ ହୋଇଛି। ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ହସ୍ପିଟାଲ୍ ସୂତ୍ରରୁ ସେ ଅବଗତ ହୋଇଛନ୍ତି।

ଏଠାରେ ପ୍ରକାଶଥାଉକି ବିହାରୀ ଗତ ବର୍ଷ ଜୁନ୍ ମାସ ୨୮ ତାରିଖ ରାତିରେ ବମିଖାଲ ଲେଭଲ୍ କ୍ରସିଂ ନିକଟରେ ତ୍ରିଲୋଚନ ପରିଡ଼ା ଓରଫ୍ କାହ୍ନାଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ପୁଲିସ ଜୁଲାଇ ୧୨ ତାରିଖରେ ବିହାରୀକୁ ଗିରଫ କରିଥିଲା। ସେହି ଦିନଠାରୁ ସେ ଝାରପଡ଼ା ଜେଲ୍ ଭିତରେ ବିଚାରାଧୀନ କଏଦୀ ଭାବେ ଦିନ ବିତାଉଥିଲେ।

# ୨ ବର୍ଷରେ ୪ ମୃତ

ଭୁବନେଶ୍ୱର,୨୪।୩(ଇମିସ): ସ୍ୱତନ୍ତ୍ର ଜେଲ୍ ଝାରପଡ଼ା। ଗତ ୨ ବର୍ଷ ମଧ୍ୟରେ ମଲେଣି ୪ ଜଣ ବିଚାରାଧୀନ କଏଦୀ। ସମସ୍ତ ମୃତ୍ୟୁର କାରଣ ଅସୁସ୍ଥତା ବୋଲି ଜେଲ୍ କର୍ତ୍ତୃପକ୍ଷ କହୁଛନ୍ତି। ତେବେ ବିଚାରଧୀନ କଏଦୀମାନେ ଏଭଳି ଅସୁସ୍ଥ ହେବାର କାରଣ ତାହା ଏଯାଏ ଜାଣି ପାରି ନାହାନ୍ତି ପରିବାର ଲୋକେ। ସମସ୍ତ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ମଧ୍ୟ ଚାଲିଛି। ତଦନ୍ତ ରିପୋର୍ଟ ହସ୍ତଗତ କ'ଣ ହୋଇଛି ତାର ଉତ୍ତର ଦେବାକୁ ପୁଲିସ ଓ ଜେଲ୍ କର୍ତ୍ତୃପକ୍ଷ ଅପ୍ରସ୍ତୁତ।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୨ ମସିହାରେ ପୁରୀ ବୀରପ୍ରତାପପୁର ଗାଁର ଲକ୍ଷ୍ମୀଧର ନନ୍ଦ ନାମକ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ସହଜରେ ଗ୍ରହଣ କରି ପାରି ନ ଥିଲେ ତାଙ୍କ ପରିବାର ଲୋକେ। କହିଥିଲେ ଜେଲ୍‌ରେ ତାଙ୍କ ପ୍ରତି ଅଣ ଦେଖା କରାଯାଇଥିଲା। ଚିକିତ୍ସା ଅଭାବରୁ ତାଙ୍କର ମୃତ୍ୟୁ ଘଟିଥିଲା।

୨୦୧୨ ଏପିଲ୍ ମାସ ୨୫ ତାରିଖ ବାସନ୍ତୀ ବେହେରା ନାମକ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିଲା। ବାସନ୍ତୀଙ୍କୁ ସହିଦନଗର ଥାନା ପୁଲିସ ଗିରଫ କରିଥିଲା। ବାସନ୍ତୀ ଦଳିତମାନଙ୍କ ପାଇଁ ବାଣୀବିହାର ଓଭରବ୍ରିଜ୍ ନିକଟରେ ଜାତୀୟ ରାଜପଥ ଅବରୋଧ କରି ଗିରଫ ହୋଇଥିଲେ। ପୁଲିସ ତାଙ୍କୁ ଜାଣିଶୁଣି ମାସାଧିକ କାଳ ଜେଲ୍‌ରେ କଏଦୀ ଭାବେ ରଖିଥିଲା ବୋଲି ତାଙ୍କ ସଂଘ ପକ୍ଷରୁ କୁହାଯାଇଥିଲା।

ସେହିପରି ସାଲିଆସାହିର ଜଣେ ମହିଳାଙ୍କର ଗତ ବର୍ଷ ଝାରପଡ଼ା ଜେଲ୍ ପରିସରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ୨୦୦୩ ମସିହାରେ ମଞ୍ଚେଶ୍ୱର ଥାନା ଅଧୀନ କଳାରାହାଙ୍ଗ ଇଂଜଣା ଗ୍ରାମର ରାଜ କିଶୋର ପରିଡ଼ାଙ୍କର ଝାରପଡ଼ା ଜେଲ୍ ପରିସରରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେତେବେଳ ତୁମ୍ବି ତୁଫାନ ହୋଇଥିଲା।

ଆଜି ବିହାରୀ ଜେନାଙ୍କ ମୃତ୍ୟୁ ପରେ ସ୍ୱତନ୍ତ୍ର ଜେଲ୍ ଓ ଭିତରେ ଥିବା ହସ୍ପିଟାଲ୍‌ର ଚିକିତ୍ସା ସୁବିଧା ଉପରେ ପ୍ରଶ୍ନ ଉଠିଛି। ହସ୍ପିଟାଲ୍‌କୁ ଔଷଧପତ୍ର, ଇଂଜେକସନ୍ ଠିକ୍ ଭାବେ ଯୋଗାଇ ଦିଆଯାଉଛି କିମ୍ବା ନାହିଁ ତାହା ଏବେ ସନ୍ଦେହପୂର୍ଣ୍ଣ।

ଅନ୍ୟପକ୍ଷରେ ଜେଲ୍ ପରିସରରେ ବିଚାରାଧୀନ କଏଦୀ ଅସୁସ୍ଥ ହେଲେ ସେମାନଙ୍କୁ ଠିକ୍ ଭାବେ ଚିକିତ୍ସା କରାଯାଉ ନ ଥିବା ଅଭିଯୋଗ ହେଉଛି।

# ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଯବାନଙ୍କ ଉନ୍ମତ୍ତକାଣ୍ଡ

ରାୟଗଡା, ୨୬/୩(ଇମିସ): ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଆଇଆର୍‌ବିଏନ୍ ଯବାନଙ୍କ ଉନ୍ମତ୍ତ କାଣ୍ଡକୁ କେନ୍ଦ୍ର କରି ରାୟଗଡା ଷ୍ଟେସନରେ ଟ୍ରେନ୍ ୨ ଘଣ୍ଟା ରହିବା ପରେ ଭୁବନେଶ୍ୱର ଅଭିମୁଖେ ଯାଇଥିଲା। ଫଳରେ ଏହି ଟ୍ରେନ୍‌ରେ ଯାତ୍ରା କରୁଥିବା ଅନେକ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯବାନଙ୍କ କାର୍ଯ୍ୟକୁ ବିରୋଧ କରି କେତେକ ଲୋକ ଟ୍ରେନ୍ ସମ୍ମୁଖରେ ଧାରଣାରେ ବସିଥିଲେ। ପୁଲିସ, ଜିଆରପି ଏବଂ ଆରପିଏଫ ଦୀର୍ଘ ଦୁଇ ଘଣ୍ଟା ଧରି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାତି ପ୍ରାୟ ୧୨ ଟାରେ ଟ୍ରେନ ଷ୍ଟେସନ ଛାଡିଥିଲା। ସୂଚନା ଅନୁସାରେ ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଟ୍ରେନ ରାୟଗଡା ଷ୍ଟେସନରେ ପହଞ୍ଚିଥିଲା। ଭୁବନେଶ୍ୱର ଯିବାକୁ ଷ୍ଟେସନରେ ଅପେକ୍ଷା କରିଥିବା ଉକ୍ତ ଆଇଆରବିଏନ ଯବାନମାନେ  ଟ୍ରେନର ସାଧାରଣ ବଗିରେ ଚଢ଼ି ସେଠାରେ ବସିଥିବା ଯାତ୍ରୀଙ୍କୁ ଓହ୍ଲାଇବା ପାଇଁ ଧମକ ଦେଇଥିଲେ। କେତେକ ଯାତ୍ରୀ ଏହାକୁ ବିରୋଧ କରିବାରୁ ଯବାନମାନେ ଉକ୍ତ ବଗି ସେମାନଙ୍କ ପାଇଁ ଉଦ୍ଦିଷ୍ଟ କହି ଯାତ୍ରୀଙ୍କୁ ମାଡ ମାରି ଓହ୍ଲାଇ ଦେଇଥିଲେ ବୋଲି ଅଭିଯୋଗରୁ ଜଣା ପଡିଛି।  ଫଳରେ ଜୟପୁର, କୋରାପୁଟ ଏବଂ ଟିକିରିରୁ ଏହି ଟ୍ରେନ୍‌ରେ ଭୁବେନେଶ୍ୱର ଓ ଅନ୍ୟ ସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯଦିବା ସାଧାରଣ ବଗି କେବଳ ଯବାନମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ତାହା ହେଲେ ବଗିରେ ସୂଚନା ଫଳକ କିମ୍ବା ଯାତ୍ରୀ ବସିବା ପୂର୍ବରୁ କାହିଁକି ସୂଚନା ଦିଆଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ଯାତ୍ରୀମାନେ ବଗିରୁ ଓହ୍ଲାଇ ରେଳ ବିଭାଗ ଏବଂ ପୁଲିସର କାର୍ଯ୍ୟକଳାପକୁ  ନିନ୍ଦା କରିଥିଲେ। ଏଥିସହ ସେହି ବଗିରୁ ଓହ୍ଲାଇଥିବା ଯାତ୍ରୀଙ୍କ ବସିବା ପାଇଁ କିଛି ବ୍ୟବସ୍ଥା ନ କଲେ ଧାରଣାରୁ ହଟିବେ ନାହିଁ ବୋଲି ଉତ୍ତ୍ୟକ୍ତ ଲୋକେ କହିଥିଲେ। ଦୀର୍ଘ ଦୁଇ ଘଣ୍ଟା ପରେ ରାୟଗଡା ରେଳ ବିଭାଗ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରି ସାଧାରଣ ବଗିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ସ୍ଲିପର କ୍ଲାସରେ ବସିବା ପାଇଁ ବ୍ୟବସ୍ଥା କରିବା ପରେ ଟ୍ରେନ ଛାଡିଥିଲା।

# ପୋସ୍କୋ ପାଇଁ ଆହୁରି ଅପେକ୍ଷା

**ନିର୍ବାଚନ ଯୋଗୁଁ ୧୦୦୦ ଏକର ଜମି ଅଧିଗ୍ରହଣରେ ବିଳମ୍ବ**

ନୂଆଦିଲ୍ଲୀ, ୨୩/୩: ପାରାଦୀପଠାରେ ହେବାକୁ ଥିବା ୫୨,୦୦୦ କୋଟି ଟଙ୍କାର ପୋସ୍କୋ ପ୍ରକଳ୍ପ ଅଗ୍ରଗତି ପାଇଁ ପରିସ୍ଥିତି ଅନୁକୂଳ ଥିଲେ ମଧ୍ୟ ନିର୍ବାଚନ ଦୃଷ୍ଟିରୁ ପ୍ରକଳ୍ପ ସ୍ଥାପନ ପୁଣି ବିଳମ୍ବ ହେଉଛି। ଏବେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଆଠ ବର୍ଷ ବିଳମ୍ବ ହୋଇ ସାରିଥିବାବେଳେ ଜାନୁଆରିରେ ମିଳିଥିବା ପରିବେଶ ଅନୁମୋଦନ ପୋସ୍କୋ ସ୍ଥାପନ ପାଇଁ ସବୁଜ ସଂକେତ ପ୍ରଦାନ କରିଥିଲା। କିନ୍ତୁ ଏହା ପରଠାରୁ ଆଉ କୌଣସି କାର୍ଯ୍ୟରେ ଅଗ୍ରଗତି ହୋଇ ପାରି ନାହିଁ। ରାଜ୍ୟ ସରକାର ପୋସ୍କୋ ପ୍ରକଳ୍ପ ପାଇଁ ଅବଶିଷ୍ଟ ୧୦୦୦ ଏକର ଜମି ଯୋଗାଇଦେବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ମେ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ସରକାର ଏ ଦିଗରେ କୌଣସି ନିଷ୍ପତ୍ତି ନେବାର ସମ୍ଭାବନା ନାହିଁ। ଆବଶ୍ୟକ ଜମି ମିଳି ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରୁ ନାହିଁ ବୋଲି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସମୀକ୍ଷା ବୈଠକ ଅବସରରେ ପୋସ୍କୋ ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ପାରାଦୀପ ନିକଟରେ ଏକ ସମନ୍ୱିତ ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବା ପାଇଁ ପୋସ୍କୋ ଓଡ଼ିଶା ସରକାରଙ୍କ ସହିତ ୨୦୦୫ରେ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ୪୦୦୦ ଏକର ଜମିରେ ଏହି ପ୍ରକଳ୍ପ ସ୍ଥାପନ ଯୋଜନା ଥିଲା।

ପ୍ରକଳ୍ପ ଆରମ୍ଭ ହେବାରେ ବହୁ ବିଳମ୍ବ ହୋଇ ସାରିଥିବାବେଳେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ପାଇଁ ୨୭୦୦ ଏକର ଜମି ପୋସ୍କୋ ଆବଶ୍ୟକ କରୁଛି। ସେଥିମଧ୍ୟରୁ ରାଜ୍ୟ ସରକାର କଂପାନିକୁ ଏବେ ସୁଦ୍ଧା ୧୭୦୦ ଏକର ଜମି ହସ୍ତାନ୍ତର କରି ସାରିଛନ୍ତି। ଅବଶିଷ୍ଟ ୧୦୦ ଏକର ଜମି ହସ୍ତାନ୍ତର କରିବାର ଥିବାବେଳେ ରାଜ୍ୟ ସରକାରଙ୍କ ସହ ପୋସ୍କୋର ବୁଝାମଣାପତ୍ର ନବୀକରଣ ମଧ୍ୟ ଅଟକି ରହିଛି।




ସୂଚନାଯୋଗ୍ୟ ୨୦୦୭ରେ ପରିବେଶ ମନ୍ତ୍ରଣାଳୟ ପୋସ୍କୋ ପ୍ରକଳ୍ପକୁ ପ୍ରାରମ୍ଭିକ ଅନୁମୋଦନ ପ୍ରଦାନ କରିଥିବାବେଳେ ୨୦୧୧ରେ ଚୂଡ଼ାନ୍ତ ପରିବେଶ ଅନୁମୋଦନ ପ୍ରଦାନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍‌ରେ ଦାଖଲ ହୋଇଥିବା ଏକ ପିଟିସନ୍ ଭିତ୍ତିରେ ଏହି ଅନୁମୋଦନ ଖାରଜ ହୋଇ ଯାଇଥିଲା। ତେବେ ଚଳିତ ବର୍ଷ ଜାନୁଆରିରେ ପୋସ୍କୋକୁ ସର୍ତ୍ତମୂଳକ ଅନୁମୋଦନ ପ୍ରଦାନ କରାଯାଇଛି। କଂପାନି ଏହାର ପୁଞ୍ଜିନିବେଶର ୫ ପ୍ରତିଶତ ପ୍ରକଳ୍ପ ଅଞ୍ଚଳରେ ସାମାଜିକ ବିକାଶ କ୍ଷେତ୍ରରେ ଖର୍ଚ୍ଚ କରିବ ବୋଲି ଏହି ସର୍ତ୍ତରେ ଉଲ୍ଲେଖ ରହିଛି।

# ଚିମ୍‌ନିରେ ଚାପି ହୋଇ ଶ୍ରମିକ ମୃତ

ଚନ୍ଦ୍ରଶେଖରପୁର, ୨୩।୩(ଇମିସ): ଆଜି ସକାଳେ ଓମ୍‌ଫେଡ୍ କାରଖାନାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। କାରଖାନାରୁ ଧୂଆଁ ନିର୍ଗତ ହେବା ପାଇଁ ଲାଗିଥିବା ଚିମ୍‌ନି ଭାଙ୍ଗି ଚାପି ହୋଇଯିବାରୁ ପାଣ୍ଡୁ ସେନାପତି (୪୮)ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ବରଗଡ ଜିଲ୍ଲାରେ। ଚନ୍ଦ୍ରଶେଖରପୁର ଥାନା ପୁଲିସ ଶବକୁ ଜବତ କରି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଶବ ବ୍ୟବଚ୍ଛେଦ କରିଛି।

## ଓମ୍‌ଫେଡ୍‌ରେ ଦୁର୍ଘଟଣା



ପୁଲିସ ସୂଚନା ଅନୁଯାୟୀ ଓମ୍‌ଫେଡ୍ କାରଖାନାର ଚିମ୍‌ନି ମରାମତି ପାଇଁ ଏକ ଠିକା ସଂସ୍ଥାକୁ ଦିଆଯାଇଥିଲା। ଆଜି ବରଗଡର ୧୦ଜଣ ମିସ୍ତ୍ରି ଓ ଶ୍ରମିକ ସକାଳୁ କାମ ଆରମ୍ଭ କରିଥିଲେ। ପାଣ୍ଡୁ ଓ ଘନଶ୍ୟାମ ଦାସ ଚିମ୍‌ନି ମରାମତି ପାଇଁ ଚିମ୍‌ନିରେ ଲାଗିଥିବା ସିଡିରେ ଚଢିଥିଲେ। ଘନଶ୍ୟାମ ମିସ୍ତ୍ରି ପାଣ୍ଡୁଙ୍କୁ ଯନ୍ତ୍ରପାତି ଦେଇ ତଳକୁ ଓହ୍ଲାଇଥିଲେ। ଆଉ ପାଣ୍ଡୁ ଚିମ୍‌ନିର କିଛି ଅଂଶ କାଟିବା ପରେ ହଠାତ୍ ଚିମ୍‌ନିଟି ମଝିରୁ ଭାଙ୍ଗିଯାଇଥିଲା। ଏହି ସମୟରେ ପାଣ୍ଡୁ ଭାରସାମ୍ୟ ହରାଇ ଚିମ୍‌ନି ତଳେ ରହିଯାଇଥିଲେ। ଚିମ୍‌ନିର ଭଗ୍ନାଂଶଟି ପାଣ୍ଡୁଙ୍କ ମୁଣ୍ଡକୁ ଚାପି ରଖିବାରୁ ସେ ୧୦୦ଫୁଟ ଉପରେ ସେମିତି ଝୁଲି ରହି ଚିତ୍କାର କରିଥିଲେ। ହେଲେ କେହି ତାଙ୍କୁ ଉଦ୍ଧାର କରିପାରିନଥିଲେ। କାରଖାନାର କର୍ମଚାରୀମାନେ ରୁଣ୍ଡ ହୋଇ ଅଗ୍ନିଶମ ବିଭାଗ ଓ ଚନ୍ଦ୍ରଶେଖରପୁର ଥାନାକୁ ଜଣାଇଥିଲେ। କିଛି ସମୟ ଚିତ୍କାର କରିବା ପରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତଦେହ ପ୍ରାୟ ଦେଢ ଘଣ୍ଟା କାଳ ଝୁଲି ରହିବା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆସି ଭଙ୍ଗା ଚିମ୍‌ନି ଉପରୁ ମୃତ ଦେହକୁ କାଢ଼ିଥିଲେ ବୋଲି ମୃତ ପାଣ୍ଡୁଙ୍କ ସହଯୋଗୀ ଘନଶ୍ୟାମ କହିଛନ୍ତି।

କାରଖାନାର ଜଣେ କର୍ମଚାରୀଙ୍କ କହିବାନୁଯାୟୀ ଚିମ୍‌ନିଟି ପ୍ରାୟ ୫ବର୍ଷରୁ ଅଧିକ ପୁରୁଣା ହୋଇଯାଇଥିଲେ ହେଁ ଏହାକୁ ବଦଳାଯାଇ ନଥିଲା। ବହୁ ଅଭିଯୋଗ ହେବା ପରେ ଚିମ୍‌ନିଟିକୁ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏମିତି ଅଘଟଣ ହେବ ବୋଲି କେହି ଜାଣିନଥିଲେ। ଏନେଇ ଓମ୍‌ଫେଡର ଜଣେ ବରିଷ୍ଠ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେଯେ ଚିମ୍‌ନି ଠିକ୍ ସମୟରେ ବଦଳାଯାଉଥିଲା। ହେଲେ ଏହିଭଳି ଘଟଣା ଦୁର୍ଭାଗ୍ୟଜନକ। ମୃତକଙ୍କ ପରିବାରକୁ ଓମଫେଡ୍ ପକ୍ଷରୁ ଖୁବ୍ ଶୀଘ୍ର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ଦଳିତ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ

# ବାପ ମୃତ, ପୁଅ ଗୁରୁତର

ମହାକାଳପଡା,୨୭।୩(ଇମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତର ଆଖିତାଶାଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କେତେକ ବ୍ୟକ୍ତିଙ୍କ ସଂଘବଦ୍ଧ ଆକ୍ରମଣରେ ଗୋଟିଏ ଦଳିତ ପରିବାରର ମୁଖ୍ୟଙ୍କୁ ଜୀବନ ହରାଇବାକୁ ପଡିଛି। ଏହି ସଂଘବଦ୍ଧ ଆକ୍ରମଣରେ ମଙ୍ଗଳପୁର ପଞ୍ଚାୟତର ବନ୍ଧପଡ଼ା ଗ୍ରାମର ନରହରି ସେଠୀ (୪୦)ଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ଟୁକୁନା (୧୭) ଗୁରୁତର ଆହତ ହୋଇଛନ୍ତି।



ପ୍ରକାଶ ଯେ ମଙ୍ଗଳପୁର ପଞ୍ଚାୟତସ୍ଥ ବନ୍ଧପଡା ଗ୍ରାମର ନରହରି ସେଠୀ (୪୦) ଦୀର୍ଘ ୧୫ବର୍ଷରୁ ଅଧିକ ହେବ ଆଖିତାଶାଳି ଗ୍ରାମରେ ଏକ ଅନାବାଦି ଜମି ଉପରେ ଘର କରି ରହି ଆସୁଥିଲେ। ଏହାକୁ ଆଖିତାଶାଳି ଗ୍ରାମର କେତେକ ବ୍ୟକ୍ତି ବିରୋଧ କରି ଆସୁଥିଲେ। ଏ ନେଇ ଅତୀତରେ ବହୁବାର ପାଟିତୁଣ୍ଡ ବି ହୋଇଛି। ଏପରିକି ଗତବର୍ଷ ଗ୍ରାମର ଧୀର ରାଉତ ଶ୍ରୀ ସେଠୀଙ୍କ ସ୍ତ୍ରୀ ନିର୍ମଳାଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିଯୋଗୁଁ ଦୀର୍ଘଦିନ ଧରି ଧୀର ରାଉତଙ୍କୁ ଜେଲ୍‌ରେ ରହିବାକୁ ପଡିଥିଲା। ଆଜି ପୂର୍ବାହ୍ନ ୯ଟାରେ ନରହରି ଓ ତାଙ୍କର ୧୭ବର୍ଷର ପୁଅ ଟୁକୁନା ନିଜ ଘର ସମ୍ମୁଖରେ ଧାନ ଉଡାଉଥିବା ବେଳେ ଧୂଳି ଉଡୁଛି ବୋଲି କହି ସେହି ଗ୍ରାମର ବାଇଧର ମାଇତିଙ୍କ ସ୍ତ୍ରୀ ଗୌରୀ ତାଙ୍କ ସହିତ ଝଗଡ଼ା କରିଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ ଗୌରୀ ଟେଲିଫୋନ ଯୋଗେ ତାଙ୍କ ସ୍ୱାମୀ ବାଇଧରଙ୍କୁ ଖବର ଦେବାରୁ ବାଇଧର ତାଙ୍କ ସହିତ ପ୍ରାୟ ୧୫ଜଣ ସହଯୋଗୀଙ୍କୁ ସାଥୀରେ ନେଇ ସଂଘବଦ୍ଧ ଭାବେ ନରହରି ସେଠୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ନରହରିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ଟୁକୁନା ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଖବରପାଇ ମହାକାଳପଡା ଥାନା ଅଧିକାରୀ ପଦ୍ମାରବିନ୍ଦ ତ୍ରିପାଠୀ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ୫ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି। ସେମାନେ ହେଲେ ପଡିଆ ବାରିକ, ରବି ଦାସ, ଗୌରୀ ମାଇତି, କାଞ୍ଚନ ମାଇତି ଏବଂ କନକ ମାଇତି। ଏହି ଗ୍ରାମର କାଳିଆ ବାରିକ, ଧୀର ରାଉତ, ରାମ ରାଉତ, ସୁଧୀର ରାଉତ, ମନୁଆ ରାଉତ, ସରୋଜ ରାଉତ, ବାଇଧର ମାଇତି, ଚିତ୍ତ ମାଇତି, ପଞ୍ଚା ମାଇତି ଏବଂ ପାରାଦୀପ ଅଂଚଳର ଦିପୁ ଓ କାଳିଆ ପ୍ରମୁଖ ଆକ୍ରମଣରେ ସାମିଲ ଥିଲେ ବୋଲି ନରହରିଙ୍କ ପତ୍ନୀ ନିର୍ମଳା ମୌଖିକ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେଲା ବେଳକୁ ନିର୍ମଳା କେବଳ ମୌଖିକ ଅଭିଯୋଗ କରିଥିବା ବେଳେ ଥାନାରେ କୌଣସି ଅଭିଯୋଗ କରିନଥିବା ଜଣାଯାଇଛି।

# ନ୍ୟାୟ ପାଇଁ ମହିଳା କମିସନ୍‌ରେ ପୀଡ଼ିତା

ଭୁବନେଶ୍ୱର,୨୪।୩(ଇମିସ): ଦୁଷ୍କର୍ମ ଶିକାର ହୋଇଥିବା ଜଣେ ମହିଳା ଆଜି ନ୍ୟାୟ ପାଇବା ପାଇଁ ମହିଳା କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ନାଁ ସୁମି(ଛଦ୍ମନାମ)। ଘର ନୟାଗଡ଼ ଜିଲ୍ଲା ନୟାଗଡ଼ ସଦରରେ।

ସୁମିଙ୍କ ଅଭିଯୋଗ ଯେ ସେ ଶୌଚ ଲାଗି ପୋଖରୀ ହୁଡ଼ାକୁ ଯାଇଥିବାବେଳେ ସନ୍ତୋଷ କୁମାର ଗୁରୁ, ଶିଶିର କୁମାର ମହାନ୍ତି, ଲକ୍ଷ୍ମୀଧର ଜେନା ଓ ମଙ୍ଗୁଳି ଜେନା ନାମକ ୪ ଜଣ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଛି, କିନ୍ତୁ ଏଯାଏ ଅଭିଯୁକ୍ତମାନଙ୍କ ପୁଲିସ ଗିରଫ କରିବାକୁ ସକ୍ଷମ ହୋଇ ନାହିଁ। ଏ ନେଇ ପୀଡ଼ିତା ଜଣକ ଜିଲ୍ଲା ଏସ୍‌ପିଙ୍କୁ ମଧ୍ୟ ଭେଟିଥିଲେ। କିନ୍ତୁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଆଜି ସେ ନ୍ୟାୟ ପାଇ ମହିଳା କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମହିଳା କମିସନ ତାଙ୍କ ଅଭିଯୋଗକୁ ଗ୍ରହଣ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନୟାଗଡ଼ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ମାମଲା

# ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ୍

କଟକ,୯।୪(ଇମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଦିନିକିଆ କ୍ୟାମ୍ପରେ ୯୦ଜଣ ମହିଳାଙ୍କ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯିବା ଘଟଣାରେ ଜାତୀୟ ମାନବାଧିକାର କମିସନ୍ ହସ୍ତକ୍ଷେପ କରିଛନ୍ତି। ଏ ସଂପର୍କରେ ରିପୋର୍ଟ ପ୍ରଦାନ କରିବା ପାଇଁ କମିସନ୍ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି। ମାମଲା ସଂପର୍କରେ ସଚିବ ୬ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ ବୋଲି କମିସନ୍ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ମାର୍ଚ୍ଚ ୨୩ ତାରିଖରେ ଜଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଇଥିଲା। ଏହି ଶିବିରରେ ଡାକ୍ତର ପ୍ରାୟ ଦିନ ୧୨ଟାରେ ପହଞ୍ଚିଲେ ଓ ୯୦ଜଣ ମହିଳାଙ୍କ ଅସ୍ତ୍ରୋପଚାର କରିଥିଲେ ବୋଲି ଅଭିଯୋଗ କରାଯାଇଛି। ଫଳରେ ମହିଳାମାନେ ଅର୍ଦ୍ଧଚେତନ ଅବସ୍ଥାରେ ଡାକ୍ତରଖାନା ବାରଣ୍ଡା, ପଡ଼ିଆରେ ଶୋଇବାକୁ ବାଧ୍ୟ ହୋଇଥିଲେ। ଏଭଳି ଘଟଣା ମାନବିକ ଅଧିକାର କ୍ଷୁର୍ଣ୍ଣ କରୁଛି ବୋଲି ଅଭିଯୋଗ କରି ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡ ଏନ୍ଏଚ୍ଆର୍ସିରେ ମାମଲା ଦାଏର କରିଛନ୍ତି। କମିସନ୍ ମାମଲାକୁ ଗ୍ରହଣ କରି ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି।

## ପାଣି ବାଲ୍ଟିରେ ପଡ଼ି ନବଜାତକର ମୃତ୍ୟୁ

# ଜାତୀୟ ମାନବାଧିକାର କମିସନ୍‌ରେ ମାମଲା

କଟକ,୯।୪(ଇମିସ): ଯାଜପୁର ଜିଲ୍ଲା ହସ୍‌ପିଟାଲ୍‌ରେ ଜଣେ ନବଜାତକ ପାଣି ବାଲ୍‌ଟିରେ ପଡ଼ି ମୃତ୍ୟୁ ହେବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିସନ୍‌ରେ ମାମଲା ଦାଏର ହୋଇଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ପ୍ରାର୍ଥନା କରି ଆଡଭୋକେଟ୍ ପ୍ରବୀର କୁମାର ଦାସ କମିସନ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଗତକାଲି ଯାଜପୁର ଜିଲ୍ଲା ହସ୍‌ପିଟାଲ୍‌ରେ ପ୍ରସବ ପାଇଁ ଗାରଡେଶ୍ୱର ଗ୍ରାମର ମନୋରମା ଜେନାଙ୍କୁ ଭର୍ତ୍ତି କରାଯାଇଥିଲା। ଶ୍ରୀମତୀ ଜେନା ଦିନ ୧୧ଟାରେ ହସ୍‌ପିଟାଲ୍ ଲେବର ରୁମ୍‌କୁ ଯାଇଥିଲା ବେଳେ ତାଙ୍କୁ କିଛୁ ଉପଯୁକ୍ତ ସେବା ଯୋଗାଇ ଦିଆଯାଇନଥିଲା। ଦାୟିତ୍ୱରେ ଥିବା ନର୍ସ ତାଙ୍କ ପାଖକୁ ଆସିନଥିଲେ କି କୌଣସି ପ୍ରକାର ସହାୟତା ଯୋଗାଇ ଦେଇନଥିଲେ। ଦିନ ପ୍ରାୟ ସାଢ଼େ ୨ଟା ବେଳେ ମନୋରମା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ମାତ୍ର ସେତେବେଳେ କୌଣସି ନର୍ସ ଉପସ୍ଥିତ ନଥିବାରୁ ସଦ୍ୟଜାତ ଶିଶୁଟି ଏକ ପାଣିଭର୍ତ୍ତି ବାଲ୍‌ଟି ଭିତରେ ପଡିଯାଇଥିଲା। ଫଳରେ ନବଜାତକର ମୃତ୍ୟୁ ହୋଇଯାଇଥିଲା। ନର୍ସମାନଙ୍କ ଦାୟିତ୍ୱହୀନତା ଯୋଗୁ ମନୋରମାଙ୍କର ନବଜାତକର ମୃତ୍ୟୁ ହେବା ଘଟଣା ଅତି ଦୁର୍ଭାଗ୍ୟଜନକ ବୋଲି ଆବେଦନକାରୀ ଦର୍ଶାଇବା ସହ ଏହି ଘଟଣାରେ ଜାତୀୟ ମାନବାଧିକାର କମିସନ୍‌ଙ୍କ ହସ୍ତକ୍ଷେପ ଲୋଡିଛନ୍ତି। କମିସନ୍ ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ପ୍ରାର୍ଥନା କରିଛନ୍ତି।

# ଛିଣ୍ଡା ବିଦ୍ୟୁତ୍ ତାର ଲାଗି ଯୁବକଙ୍କ ସହ ୨ ବଳଦ ମୃତ

ଗଁଦିଆ, ୨୩ ।୩(ଇମିସ): ନିହଲପ୍ରସାଦ ଥାନା ବଡ଼ପୋଖରୀଆ ଠାରେ ଆଜି ଭୋରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି । ସେଠାରେ ଛିଣ୍ଡିପଡ଼ିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ସମେତ ୨ଟି ବଳଦ ଓ ଗୋଟିଏ ବିଲୁଆ ପ୍ରାଣ ହରାଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ନୂଆପଡ଼ା ଗ୍ରାମର ନାରାୟଣ ବାରିକଙ୍କ ପୁଅ ଅଭିମନ୍ୟୁ ବାରିକ(୨୫) ତାଙ୍କର ୨ଟି ବଳଦ ବିକ୍ରି କରିବା ପାଇଁ ପିଙ୍ଗୁଆ ସାପ୍ତାହିକ ହାଟକୁ ଆସୁଥିଲେ । ଭୋର ସାଢ଼େ ୫ଟାବେଳେ ବଡ଼ପୋଖରୀଆ ଠାରେ ରାସ୍ତା ପାରିହେବା ସମୟରେ ରାସ୍ତାରେ ଛିଣ୍ଡିପଡ଼ିଥିବା ୧୧ କେଭିର ଜୀବନ୍ତ ବିଦ୍ୟୁତ୍ ତାରକୁ ଦେଖିନପାରି ଅଭିମନ୍ୟୁ ଓ ବଳଦ ଦୁଇଟି ମାଡ଼ି ପକାଇଥିଲେ । ଘଟଣାସ୍ଥଳରେ ଅଭିମନ୍ୟୁଙ୍କ ସମେତ ବଳଦ ୨ଟିଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ଅଭିମନ୍ୟୁଙ୍କ ସାଙ୍ଗରେ ତାଙ୍କ ଦାଦା ଥିଲେ ବି ସେ ତାର ସଂସ୍ପର୍ଶରେ ଆସିନଥିଲେ । ବିଦ୍ୟୁତ୍ ତାର ଲାଗି ସେଠାରେ ଏକ ବିଲୁଆ ମରିପଡ଼ିଥିବା ଦେଖାଯାଇଥିଲା । ଏ ଖବର ପ୍ରଚାରିତ ହେବାମାତ୍ରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ଏ ସଂପର୍କରେ ପୁଲିସ କେସ୍ ନମ୍ବର ୨୧/୨୦୧୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ବେଗା ପଞ୍ଚାୟତ ଅଞ୍ଚଳରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ଲାଇନ୍ ବହୁ ପୁରୁଣା । ଗତ ୨ ବର୍ଷ ମଧ୍ୟରେ ଅଞ୍ଚଳରେ ତାର ଛିଣ୍ଡି ୨ ଜଣ ବ୍ୟକ୍ତିଙ୍କ ସମେତ ୧୦ଟି ଗୋରୁଙ୍କର ଜୀବନହାନି ଘଟିଥିଲା । ଏହା ସତ୍ତ୍ୱେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବାରୁ ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ।

Timely use in consultation with Res

# ଗୁଣି ସନ୍ଦେହରେ ହତ୍ୟା

ଲାଞ୍ଜିଗଡ଼, ୬।୪ (ଇମିସ): ଗତ ବିଳମ୍ବିତ ରାତିରେ ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ କୁଟରିଭଟା ଗାଁରେ ଜଣେ ଯୁବକଙ୍କୁ ନୃଶଂସ ହତ୍ୟା କରାଯାଇଛି । ହତ୍ୟାକାଣ୍ଡ ପଛରେ ଗୁଣିଗାରେଡ଼ି ମୁଖ୍ୟ କାରଣ ବୋଲି ସନ୍ଦେହ କରାଯାଉଛି । ମିଳିଥିବା ସୂଚନାନୁସାରେ କୁଟରିଭଟା ଗାଁରେ ରହୁଥିବା ତ୍ରିନାଥ ସୁନା (୪୬) ଗରମ ଯୋଗୁଁ ଗତ ରାତିରେ ଘର ବାହାରେ ଶୋଇଥିଲେ । ପତ୍ନୀ ନିଜ ଭଡ଼ ଭଉଣୀଙ୍କ ଘର ବିଜେପୁର ଗାଁର ପ୍ରଧାନୀପଡ଼ାକୁ ଯାଇଥିବାରୁ ଘରେ ଆଉ କେହି ନଥିଲେ । ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତ୍ରିନାଥଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି । ତ୍ରିନାଥଙ୍କ ମୃତ୍ୟୁ ଖବର ପାଇବା ପରେ ପତ୍ନୀ ଆଜି ସକାଳେ ଗାଁରେ ପହଞ୍ଚି ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଆଇନକୁ ବେଖାତିରଃ ପ୍ରବଳ ଖରାରେ କାମ କରୁଛନ୍ତି ନିର୍ମାଣ ଶ୍ରମିକ

ରାଉରକେଲା, ୧୧/୪(ଇମିସ): ସଂପ୍ରତି ରାଉରକେଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଚାଲିଛି । ସକାଳ ୯ଟା ପର୍ଯ୍ୟନ୍ତ ଉତ୍ତାପ ସାମାନ୍ୟ ରହୁଥିବା ବେଳେ ୧୦ଟା ପରେ ପ୍ରବଳ ଟାଣ ଖରା ହେଉଛି । ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ଏଭଳି ଉତ୍ତାପରେ ଘରୁ ବାହାରିଲେ ଅଂଶୁଘାତର ଆଶଙ୍କା କରି ଲୋକେ ଜରୁରୀ କାମ ନଥିଲେ ଘରୁ ବାହାରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଅଂଶୁଘାତର ମୁକାବିଲା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ସମେତ ଅନ୍ୟାନ୍ୟ ଡାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆରଜିଏଚ୍‌ରେ ଏଥିପାଇଁ ଏକ ସ୍ୱତନ୍ତ୍ର ୱାର୍ଡ଼ ସହିତ ଏଥିରେ ଶୀତତାପ ନିୟନ୍ତ୍ରଣର ବ୍ୟବସ୍ଥା ହୋଇଛି । ଆଜି ସହରର ତାପମାତ୍ରା ସର୍ବୋଚ୍ଚ ୪୦.୨ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ସପ୍ତାହକ ତଳେ ତାପମାତ୍ରା ହଠାତ୍ ବୃଦ୍ଧି ପାଇ ୪୨ ଡିଗ୍ରୀରେ ପହଂଚିଥିଲା । ଏଭଳି ଗରମ ଓ ଗୁଳୁଗୁଳି ମଧ୍ୟରେ ଶ୍ରମିକମାନଙ୍କୁ କାମ କରାଇବାର ନିୟମ ନଥିବା ବେଳେ ଶିଳ୍ପ ସହର ରାଉରକେଲାରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ପରିଲକ୍ଷିତ ହୋଇଛି । ଅଂଶୁଘାତ ଆଶଙ୍କାକୁ ଏଡ଼ାଇବା ପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ କାମ ନକରାଇବା ଲାଗି ସରକାର ନିୟମ ପ୍ରଣୟନ କରିଛନ୍ତି । ସେହିଭଳି ପୂର୍ବାହ୍ନ ୧୧ଟା ପରେ ବସ୍ ଚଳାଚଳ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି । ମାତ୍ର ରାଉରକେଲାରେ ଏଭଳି ନିୟମର ଖୋଲାଖୋଲି ଉଲ୍ଲଂଘନ ଦେଖିବାକୁ ମିଳୁଛି । ପ୍ରବଳ ଖରାରେ ଶ୍ରମିକମାନେ କୋଠାବାଡ଼ି କାମ କରୁଛନ୍ତି । ସେହିଭଳି ପ୍ରଚଣ୍ଡ ଖରା ସମୟରେ ବସ୍ ଚଳାଚଳ ଲାଗି ବାରଣ କରାଯାଇଥିବା ବେଳେ ଏହାକୁ କେହି ମାନୁନଥିବା ପରିଲକ୍ଷିତ ହେଉଛି । ସହରର ବିଭିନ୍ନ କଲୋନି, ମୁଖ୍ୟମାର୍ଗରେ କୋଠାବାଡ଼ି ନିର୍ମାଣ ଚାଲିଛି । ଏଥିରେ ଶ୍ରମିକମାନେ ପ୍ରବଳ ଟାଣ ଖରାରେ କାମ କରୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ସ୍ଥାନରେ ରାସ୍ତାକାମ ମଧ୍ୟ କରାଯାଉଛି । ଦେହରୁ ଗମଗମ ଝାଳ ବୋହି ଯାଉଥିବା ବେଳେ ଏହାକୁ ଖାତିର ନକରି ପୁରୁଷ ଓ



ମହିଳା ଶ୍ରମିକମାନେ କାର୍ଯ୍ୟ କରି ଚାଲିଛନ୍ତି । ପେଟ ଚାଖଣ୍ଡକ ପାଇଁ ଶ୍ରମିକମାନେ ଜୀବନକୁ ବାଜି ଲଗାଇ କାମ କରୁଥିବା ବେଳେ ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଏଥିପ୍ରତି ନଜର ଦିଆଯାଉ ନାହିଁ । ସହରର ଗଳିକନ୍ଦି ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିକଟରେ ଏଭଳି ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ପ୍ରବଳ ଖରାରେ ଅଂଶୁଘାତରେ କେହି ପ୍ରାଣ ହରାନ୍ତି, ତେବେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ସାଧାରଣରେ ପ୍ରଶ୍ନ ହୋଇଛି । ସେହିଭଳି ବୀରମିତ୍ରପୁର ଓ କୁଆଁରମୁଣ୍ଡା ପଟୁ ରାଉରକେଲାକୁ ଆସୁଥିବା ବିଭିନ୍ନ ବସ୍‌ର ଛାତ ଉପରେ ପ୍ରତିଦିନ ଯାତ୍ରୀମାନେ ଖରାରେ ବସି ଯିବା ଆସିବା କରୁଛନ୍ତି । ଏତଦ୍‌ବ୍ୟତୀତ ରାଉରକେଲାରୁ ବିଭିନ୍ନ ଗ୍ରାମାଂଚଳକୁ ଯାଉଥିବା ବସ୍ ଉପରେ ମଧ୍ୟ
ଯାତ୍ରୀମାନେ ଯାତାୟାତ କରୁଛନ୍ତି । ସରକାରୀ ଅଧିକାରୀ ଓ ଧନୀ ଲୋକମାନେ ଘରେ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି କାର୍ଯ୍ୟ କରୁଥିବା ବେଳେ ପେଟ ପାଇଁ ଜୀବନ ସହ ସଂଘର୍ଷ କରୁଥିବା ଲୋକମାନଙ୍କୁ ଏଭଳି ଟାଣ ଖରାରେ କାମ କରାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ହେଉଛି । ସରକାର ନିୟମ ପରେ ନିୟମ କରୁଥିବା ବେଳେ ଏହା ପାଳନ କରାଯାଉଛି କି ନାହିଁ ତାହା ପ୍ରଶାସନିକ ଅଧିକାରୀମାନେ ତଦାରଖ କରୁନଥିବାରୁ ଖୋଲାଖୋଲି ଭାବରେ ଏହାର ଉଲ୍ଲଂଘନ କରାଯାଉଥିବା ସ୍ପଷ୍ଟ ହୋଇଛି । ଏ ସମ୍ପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ପ୍ରଣବ ଜେନାଙ୍କୁ ପଚରାଯିବାରେ ସେ କହିଲେ ଯେ ନିର୍ମାଣ ଶ୍ରମିକମାନେ ଖରାରେ କାମ ନକରିବା ଲାଗି ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି । ପ୍ରବଳ ଉତ୍ତାପ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ । ସେହିଭଳି ନିର୍ମାଣ ସ୍ଥଳରେ ଥଣ୍ଡା ପାଣି ରଖାଯିବାର ବନ୍ଦୋବସ୍ତ କରାଯିବ । ଏହି ନିୟମ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ତଦାରଖ କରାଯିବ । ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଥିବାରୁ ଏହି ନିୟମ କାର୍ଯ୍ୟକାରିତା ଉପରେ ପଦକ୍ଷେପ ନିଆଯାଇ ପାରିନଥିଲା ବୋଲି ଶ୍ରୀ ଜେନା କହିଥିଲେ । ରାଉରକେଲାରେ ଉତ୍ତାପ ବୃଦ୍ଧି ପାଉଥିବାରୁ ଖରାରେ ନିର୍ମାଣ କାର୍ଯ୍ୟ ଓ ବସ୍ ଚଳାଚଳ ଉପରେ ଏବେ ଅଙ୍କୁଶ ଲଗାଇବା ଜରୁରୀ ହୋଇ ପଡ଼ିଛି ।

# ଆନ୍ଧ୍ରରେ ବନ୍ଧା ପଡ଼ିଛନ୍ତି ୨୬ ଦାଦନ

## ପ୍ରଶାସନର ସହଯୋଗ ଲୋଡ଼ିଲେ ପରିବାର

ରାସଗୋବିନ୍ଦପୁର ୨୮/୩(ଇମିସ): ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇ ବନ୍ଧା ପଡ଼ିଛନ୍ତି ୨୬ ଜଣ ଦାଦନ ଶ୍ରମିକ। ଏମାନେ ସମସ୍ତେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାସଗୋବିନ୍ଦପୁର, ଶୁଳିଆପଦା ଏବଂ ବାଲେଶ୍ୱରର ବସ୍ତା ଅଞ୍ଚଳର ଲୋକ। ଆର୍ଥିକ ଅନାଟନ ତଥା ପରିବାରର ଭରଣପୋଷଣ ପାଇଁ ସେମାନେ ୨୦୧୩ ମସିହାରେ ସମୁଦାୟ ୨୯ ଜଣ ଶ୍ରମିକ ଆନ୍ଧ୍ରପ୍ରଦେଶ ଚାଲି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଖସି ଆସିଥିବାବେଳେ ୨୬ ଜଣ ଦୀର୍ଘଦିନ ହେବ ଏକପ୍ରକାର ବନ୍ଦୀ ଜୀବନ ବିତାଉଛନ୍ତି। ଏହି ଶ୍ରମିକମାନଙ୍କ ମଧ୍ୟରୁ କୌଣସି ଉପାୟରେ ଶୁଳିଆପଦା ଥାନାର ଗଣ୍ଡା ଗ୍ରାମର ବାରିସା ମୁର୍ମୁ(୨୮) , ବସ୍ତା ଥାନା ଅନ୍ତର୍ଗତ କୁଲଡିହା ଗ୍ରାମର ରମାକାନ୍ତ ବେହେରା ଏବଂ କାନପୁର ଗ୍ରାମର ଶ୍ରୀମାତ ମାରାଣ୍ଡି ଖସି ପଳାଇ ଆସିଛନ୍ତି। ସେମାନଙ୍କ କହିବାଅନୁସାରେ ବନ୍ଧା ପଡ଼ିଥିବା ଶ୍ରମିକମାନଙ୍କ ଅବସ୍ଥା ବିପନ୍ନ ରହିଛି। ଘଟଣା ଜଣାପଡ଼ିବା ପରେ ଶ୍ରମିକଙ୍କ ପରିବାର ଲୋକମାନେ ମୁକ୍ତି ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

### ଚୁଆପାଣିକୁ ଭରସା କରିଛନ୍ତି ମେଦିନିପୁର ମୁଣ୍ଡା ସାହି ବାସିନ୍ଦା

# ଗ୍ରାମବାସୀଙ୍କ ଭୋଟ୍ ବର୍ଜନ ନିଷ୍ପତ୍ତି



ଘଟଗାଁ, ୧୨।୪ (ଇମିସ): ଘଟଗାଁ ବ୍ଲକ ବଡ଼ମସିଣାବିଲା ପଞ୍ଚାୟତ ମେଦିନିପୁର ମୁଣ୍ଡା ସାହିରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ସାହିବାସୀ ବାଧ୍ୟ ହୋଇ ବିଲ ମଝିରେ ଥିବା ଖାଲରେ ଚୁଆ କରି ସେହି ଦୂଷିତ ପାଣିକୁ ପିଉଛନ୍ତି। ସେହିପରି ଉକ୍ତ ଗ୍ରାମକୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଏସବୁ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥି ନେଇ ସେମାନେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାଯାଇଛି। ପ୍ରକାଶ ଯେ, ଦୁଇବର୍ଷ ପୂର୍ବେ ମେଦିନିପୁର ୧୦ ନମ୍ବର ଓ୍ୱାର୍ଡ ମୁଣ୍ଡାସାହିକୁ ପାଣି ବ୍ୟବସ୍ଥା ପାଇଁ ଜଳଯୋଗାଣ ପଏଣ୍ଟ ବସିଥିଲା। ହେଲେ ଏ ପର୍ଯ୍ୟନ୍ତ ଜଳଯୋଗାଣ ହୋଇପାରିଲା ନାହିଁ। ଏହି ଦୁଇବର୍ଷ ମଧ୍ୟରେ ଗ୍ରାମବାସୀ ବ୍ଲକଠାରୁ ପଞ୍ଚାୟତ ପର୍ଯ୍ୟନ୍ତ ଏପରିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ସମସ୍ୟା ସଂପର୍କରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସାହିରେ ନଳକୂପ ବସାଇବା ପାଇଁ ସେମାନେ ବାରମ୍ବାର ଜଣାଇଥିଲେ ମଧ୍ୟ ନଳକୂପ ସ୍ଥାପନ ହେଲା ନାହିଁ। ଫଳରେ ଗ୍ରାମର ପ୍ରାୟ ୩୮ଟି ପରିବାର ପାନୀୟ ଜଳ ସମସ୍ୟା ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗ୍ରାମବାସୀଙ୍କ ପାଇଁ ବିଦ୍ୟୁତ୍ ଆଲୋକ ସ୍ୱପ୍ନ ହୋଇ ରହିଛି। ଗ୍ରାମର ପଟ ମୁଣ୍ଡା, ମାଧ ପୂର୍ତ୍ତି, ସିକନ୍ଦର ଜାରିକା, ସିଜୁ ମୁଣ୍ଡା, କୁନୁ ଜାରିକା, ଗଙ୍ଗାରାମ ମୁଣ୍ଡା, ନବ ମୁଣ୍ଡା, ଗଣେଶ୍ୱର ମୁଣ୍ଡା, କହ୍ନେଇ ମୁଣ୍ଡା, ପଳଉ ମୁଣ୍ଡା, ସଦାନନ୍ଦ ମୁଣ୍ଡା ପ୍ରମୁଖ ଏସବୁ ସମସ୍ୟା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଏମାନଙ୍କ ପାଇଁ ଭତ୍ତା ସାତସପନ

ଭାପୁର, ୧୨।୪ (ଇମିସ): ବୃଦ୍ଧ, ବୃଦ୍ଧା, ବିକଳାଙ୍ଗମାନଙ୍କୁ ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକମାନଙ୍କୁ ଛତା, କମ୍ବଳ, ୩୦୦ ଟଙ୍କା ଓ ୮୦ ବର୍ଷର ବୃଦ୍ଧ ବୃଦ୍ଧାଙ୍କୁ ୫୦୦ ଟଙ୍କା ଭତ୍ତା ପ୍ରଦାନ କରୁଛି। ହେଲେ ଖଣ୍ଡପଡ଼ା ବ୍ଲକ୍‌ର ଖୋଦ୍ ବ୍ଲକ୍ ଅଧ୍ୟକ୍ଷଙ୍କ ପଞ୍ଚାୟତ ବନମାଳିପୁରରେ ୮୭ ବର୍ଷର ବୃଦ୍ଧଙ୍କୁ ଉପେକ୍ଷା କରାଯାଇ ୪୦ ବର୍ଷର ଭେଣ୍ଡିଆଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଉଥିବା ଘଟଣା ବ୍ଲକ୍ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ଏପରି ଘଟଣାରେ ବ୍ଲକ୍ ତଥା ଜିଲ୍ଲା

## ପ୍ରଶାସନର ଅଣଦେଖା

ପ୍ରଶାସନ ଜାଣି ଅଜଣା ରହୁଥିବା ବେଳେ ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତାକୁ ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଘଟଣାରୁ ପ୍ରକାଶ ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବନମାଳିପୁର ପଞ୍ଚାୟତର ବାସୁଦେବପୁର ଗାଁ କାଚରାସାହି ଛକ ନିକଟରେ ରହୁଛନ୍ତି ରାଜନ ଦାସ (୮୫)। ସ୍ତ୍ରୀ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ଏକମାତ୍ର ପୁଅକୁ ନେଇ ସଂସାର। ତାଙ୍କର ଜମିବାଡ଼ି ବୋଲି ଗୁଣ୍ଠେ ନାହିଁ। ଘରେ ବସିଥିବା ବେଳେ ଡିବିରିରୁ ନିଆଁ ଲାଗି ଦେହ ପୋଡ଼ିଯାଇ ଏବେ ଘରେ ପଡ଼ିରହିଛନ୍ତି। ବୟସ ବୃଦ୍ଧି ସହିତ ଆଖିକୁ ଭଲ ଦିଶୁନି କି କାନକୁ ଭଲରେ ଶୁଭୁନି। ଚାଲିବାକୁ ଆଉ ବଳ ପାଉନି। ଭତ୍ତା ଖଣ୍ଡେ ପାଇଁ ୧୦/୧୨ ଥର ବ୍ଲକ୍, ପଞ୍ଚାୟତରେ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ମିଳିପାରିଲା ନାହିଁ। ଏବେ ସେ ଭଙ୍ଗା ଦଦରା ଘରେ ପଡ଼ି ଦିନ ଗଣୁଛନ୍ତି।

ସେହିପରି ଉକ୍ତ ଗାଁର ଅଲେଖ ନାୟକ (୮୭)। ସ୍ତ୍ରୀ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ୨ଟି ଝିଅ ଅଛନ୍ତି। ବଡ଼ ଝିଅ ବାହା ହୋଇଥିବା ବେଳେ ସାନ ଝିଅ ପଞ୍ଚେଇ ନାୟକ (୪୦) ଜନ୍ମରୁ ବିକଳାଙ୍ଗ ହୋଇ ତାଙ୍କ ପାଖରେ ଅଛନ୍ତି। ଅଲେଖଙ୍କ ଜମିବାଡ଼ି ଖଣ୍ଡେ ନାହିଁ। ମୂଲପାତି ଲାଗି ଯାହା ଅର୍ଥ ରୋଜଗାର କରନ୍ତି ସେଥିରେ ବାପ ଝିଅ ଚଳନ୍ତି। ଏଇ କେତେମାସ ହେଲା ଝିଅକୁ ୩୦୦ ଟଙ୍କା ବିକଳାଙ୍ଗ ଭତ୍ତା ମିଳିଥିବା ବେଳେ ୮୭ ବୟସର ବାପା ଅଲେଖ ୭/୮ ଥର ଭତ୍ତା ପାଇଁ ଫର୍ମ ପୂରଣ କରି ବ୍ଲକ୍ ପ୍ରଶାସନକୁ ପ୍ରଦାନ କରିଥିଲେ ମଧ୍ୟ ତାହା କେଉଁଆଡ଼େ ଅନ୍ତର୍ଧାନ ହୋଇଯାଉଥିବା ଅଭିଯୋଗ ହେଉଛି।

ସେହିପରି ବାସୁଦେବପୁର ଗାଁର ପରମାନନ୍ଦ ସାହୁ (୯୦) ଓ ତାଙ୍କ ସ୍ତ୍ରୀ କାନ୍ତି ସାହୁ (୭୦) ମୂଲ ଲାଗି ଚଳନ୍ତି। ତାଙ୍କର ମଧ୍ୟ ଜମିବାଡ଼ି ଖଣ୍ଡେ ନାହିଁ। ବୟସାଧିକ୍ୟ ଯୋଗୁଁ ସେମାନେ ମୂଲପାତି ଲାଗି ଆଉ ଚଳିପାରୁ ନାହାନ୍ତି। ଭତ୍ତା ପାଇଁ ବହୁବାର ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁ ନାହାନ୍ତି। ସେହିଭଳି ଦୀନବନ୍ଧୁ ସାହୁ (୬୪) ୭/୮ ଥର ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଶାସକ ଦଳର ନେତା ଚେଲାଚାମୁଣ୍ଡାମାନେ ତାଙ୍କ ଫର୍ମ ଚିରି ଦେଉଥିବା ସେ ଅଭିଯୋଗ କରିଛନ୍ତି। ଗୁରୁବାରୀ ସାହୁ (୬୭) ଜଣେ ବିକଳାଙ୍ଗ ବୃଦ୍ଧ। ସେ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ବି ସମଦଶା ଭୋଗିବାକୁ ପଡୁଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଖାଲି ଏହି ପଞ୍ଚାୟତ ନୁହେଁ ଏହି ବ୍ଲକ୍‌ର ବିଭିନ୍ନ ଗ୍ରାମମାନଙ୍କରେ ନିରୀହ ଲୋକମାନେ ଯାହାଙ୍କର ବୟସ ୯୦ ଟପିଲାଣି, ସେମାନଙ୍କୁ ଭତ୍ତା ଖଣ୍ଡେ ମିଳିନଥିବା ବେଳେ ୪୦ ବର୍ଷର ଭେଣ୍ଡିଆଙ୍କୁ ଭତ୍ତା ପ୍ରଦାନ ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।


ଅଲେଖ ନାୟକ


ଦୀନବନ୍ଧୁ


ପରମାନନ୍ଦ ସାହୁ, ସୁକାନ୍ତି ସାହୁ


ରାଜନ ଦାସ


ଗୁରୁବାରୀ ସାହୁ

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557***